ବାରିପଦା, ଉଦଳା ଓ ଯଶିପୁର ବିଧାନସଭା ଆସନ ଲାଗି ପ୍ରାର୍ଥୀ ଘୋଷଣା

# ପ୍ରାର୍ଥୀ ଚୟନକୁ ନେଇ କଂଗ୍ରେସରେ ଅସନ୍ତୋଷ

**ବାରିପଦା ଅଫିସ,୨୯।୩**

ମୟୂରଭଞ୍ଜ ଜିଲାର ୩ ଟି ବିଧାନସଭା ଆସନ ବାରିପଦା, ଉଦଳା ଓ ଯଶିପୁର ପାଇଁ କଂଗ୍ରେସ ଶୁକ୍ରବାର ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ବାରିପଦା ବିଧାନସଭା ଆସନରେ ଦଶରଥ ସିଂ, ଉଦଳା ଆସନରେ ବେଣୁଧର ମହାପାତ୍ର ଓ ଯଶିପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ମହେନ୍ଦ୍ର ନାଏକ ନିର୍ବାଚନ ଲଢିବେ। ଏହି ୩ ଆସନରେ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଘୋଷଣା ପରେ ଦଳରେ ଅସନ୍ତୋଷ ଦେଖାଦେଇଛି। ପ୍ରାର୍ଥୀ ଚୟନ ସକାଶେ ଦଳ ପକ୍ଷରୁ ଯେଉଁ ନିର୍ଦ୍ଧାରିତ ମାନଦଣ୍ଡ ହୋଇଥିଲା ତାହା ପୂରଣ ହୋଇ ନାହିଁ ବୋଲି ଆଶାୟୀ ପ୍ରାର୍ଥୀ ଓ କର୍ମୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ବାରିପଦା ବିଧାନସଭା ଆସନରୁ ଟିକେଟ ଆଶାୟୀ ଥିବା ଜିଲା ଯୁବ କଂଗ୍ରେସ ସଭାପତି ରାକେଶ ସିଂ ଖୋଲାଖୋଲି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଦଳ ପାଇଁ ଦୀର୍ଘ ଦିନରୁ କାର୍ଯ୍ୟ କରୁଥିବା ଆଶାୟୀ ପ୍ରାର୍ଥୀଙ୍କୁ ନିରୁତ୍ସାହିତ କରାଯାଉଛି। କର୍ମୀଙ୍କ ମତାମତ ନିଆଯାଇ ଯୁବ ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଉଥିଲେ ମଧ୍ୟ ଏହାକୁ ପାଳନ କରାଯାଇନି। ସେ ଅସନ୍ତୁଷ୍ଟ ହୋଇଥିଲେ ବି ଦଳ ନ ଛାଡି ଦଳରେ ରହି ସଂଗଠନ ଲାଗି କାର୍ଯ୍ୟ କରିବେ ବୋଲି କହିଛନ୍ତି।

ଅନ୍ୟ ଦଳରୁ ଆସି କଂଗ୍ରେସରେ ଯୋଗ ଦେଇଥିବା ପ୍ରାର୍ଥୀଙ୍କୁ ଦଳ ଗୁରୁତ୍ୱ ଦେବା ଘଟଣାକୁ ଅନେକ କର୍ମୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ରାଜ୍ୟ ସଂଗଠନ ପ୍ରାର୍ଥୀ ଚୟନରେ ସ୍ୱଚ୍ଛତା ଅବଲମ୍ବନ କରି ନ ଥିବା ସେମାନେ ମଧ୍ୟ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ପିସିସି ସମ୍ପାଦକ ଯୋଗେଶ ଅଗ୍ରୱାଲାଙ୍କ ପଚାରିବାରୁ ସେ କହିଛନ୍ତି, ଯେଉଁମାନେ ଦଳ ପାଇଁ ପୂର୍ବରୁ କାର୍ଯ୍ୟ କରି ଆସିଛନ୍ତି, ସେମାନଙ୍କୁ ଯଥାସମ୍ଭବ ଗୁରୁତ୍ୱ ଦେଇ ଟିକେଟ ଦିଆଯାଉଛି। ରାଜ୍ୟ ସଂଗଠନ ପ୍ରାର୍ଥୀ ଚୟନରେ ଯଥେଷ୍ଟ ସ୍ୱଚ୍ଛତା ଅବଲମ୍ବନ କରିଛି। ଏ ନେଇ କାହାକୁ କିଛି ପ୍ରମାଣ ଦେବାର ଆବଶ୍ୟକତା ନାହିଁ। ଅନ୍ୟପକ୍ଷେ ବିଧାୟକ ପ୍ରାର୍ଥୀ ମହେନ୍ଦ୍ର, ବେଣୁଧର ଓ ଦଶରଥ କହିଛନ୍ତି, ଦଳ ସେମାନଙ୍କୁ ବିଭିନ୍ନ ଦୃଷ୍ଟିରୁ ଗୁରୁତ୍ୱ ଦେଇ ବିଧାନସଭା ଆସନ ସକାଶେ ପ୍ରାର୍ଥୀ କରିଛି। ଏଥିଲାଗି ସେମାନେ ରାଜ୍ୟ ଓ କେନ୍ଦ୍ରୀୟ ସଂଗଠନକୁ ଧନ୍ୟବାଦ ଜଣାଇଛନ୍ତି।

ମୟୂରଭଞ୍ଜ ଲୋକସଭା କ୍ଷେତ୍ର ଅଧୀନ ୭ ଟି ବିଧାନସଭା ଆସନରେ କଂଗ୍ରେସ ଓ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ମିଳିତ ଭାବେ ନିର୍ବାଚନ ଲଢ଼ିବା ନେଇ ବିଚାର ବିମର୍ଶ ଚାଲିଛି। ଏନେଇ ଏଯାଏ ଅଙ୍କକଷା ଛିଣ୍ଡିନି। ମୟୂରଭଞ୍ଜ ଲୋକସଭା ଆସନ ଲାଗି ଜେଏମ୍ଏମ୍ ପକ୍ଷରୁ ଅନୀ ସୋରେନଙ୍କୁ ପ୍ରାର୍ଥୀ କରାଯିବ ବୋଲି ଦଳ ପୂର୍ବରୁ ଘୋଷଣା କରି ସାରିଛି। ତେବେ ମେଣ୍ଟ ଏବଂ କେଉଁ ଦଳ କାହାକୁ କେଁଠି ପ୍ରାର୍ଥୀ ଦେବ ତାହା ଦିନେ ଦୁଇ ଦିନ ମଧ୍ୟରେ ଚୂଡାନ୍ତ ହୋଇଯିବ ବୋଲି ପିସିସି ସମ୍ପାଦକ ଅଗ୍ରୱାଲା କହିଛନ୍ତି।


ମହେନ୍ଦ୍ର ନାଏକ


ବେଣୁଧର ମହାପାତ୍ର


ଦଶରଥ ସିଂ


ଟ୍ରାଫିକ ଛକରେ ଯୁବଛାତ୍ର କଂଗ୍ରେସ କର୍ମୀ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ଦାହ କରୁଛନ୍ତି।

## ପିସିସି ସଭାପତିଙ୍କ କୁଶପୁତ୍ତଳିକା ଜାଳିଲେ ଯୁବ କଂଗ୍ରେସ କର୍ମୀ

**ବାରିପଦା ଅଫିସ,୨୯।୩**

ଜାତୀୟ କଂଗ୍ରେସ ପକ୍ଷରୁ ମୟୂରଭଞ୍ଜ ଜିଲାର ୩ ବିଧାନସଭା ଆସନ ବାରିପଦା, ଉଦଳା ଓ ଯଶିପୁର ପାଇଁ ଶୁକ୍ରବାର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବା ପରେ ଦଳରେ ବିରୋଧ ପ୍ରକାଶ ପାଇଛି। ବାରିପଦା ନଗର ଯୁବ କଂଗ୍ରେସ ସଭାପତି ପ୍ରେମ କୁମାରଙ୍କ ନେତୃତ୍ୱରେ ଯୁବ ଛାତ୍ରକର୍ମୀମାନେ ଟ୍ରାଫିକ ଛକରେ ବିକ୍ଷୋଭ ପ୍ରଦର୍ଶନ କରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ବିଶେଷ କରି ବାରିପଦା ନିର୍ବାଚନ ମଣ୍ଡଳୀରେ ଦଳ ପକ୍ଷରୁ ଦିଆଯାଇଥିବା ପ୍ରାର୍ଥୀଙ୍କୁ ବିରୋଧ ମଧ୍ୟ କରିଛିି। ଦୀର୍ଘ ବର୍ଷ ହେବ ଦଳ ପାଇଁ କାମ କରୁଥିବା ଜିଲା ଯୁବ କଂଗ୍ରେସ ସଭାପତି ରାକେଶ ସିଂଙ୍କୁ ବାରିପଦା ବିଧାନ ସଭା ଆସନରେ ଟିକଟ ନ ଦେଇ ୬ ମାସ ପୂର୍ବେ ଦଳକୁ ଆସିଥିବା ବ୍ୟକ୍ତିଙ୍କୁ ଟିକେଟ ଦିଆଯାଇଥିବା ସେମାନେ ଅଭିଯୋଗ କରିଥିଲେ। ଏଣୁ ଆଗାମୀ ଦିନରେ ଦଳର ନିଷ୍ପତ୍ତିକୁ ନ ମାନି ସମଗ୍ର ଜିଲା ବୁଲି ସେମାନେ କଂଗ୍ରେସ ବିରୋଧରେ ପ୍ରଚାର କରିବେ ବୋଲି କହିଥିଲେ। ଏହି ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମରେ ଅରଜିତ ମିଶ୍ର, ଏମଡି ଅସଲାମ, ବିକାଶ ବାରିକ, ଅଭିଷେକ ବେହେରା, ପ୍ରକାଶ ସାହୁ, ଅଂଶୁମାନ ମୁଣ୍ଡା, ଅମିତ ବାରିକ ଓ ଭବାନି ସିଂ ପ୍ରମୁଖଙ୍କ ସମେତ ଅନ୍ୟ ଯୁବ ଛାତ୍ରମାନେ ଉପସ୍ଥିତ ଥିଲେ।

ମୟୂରଭଞ୍ଜ ଲୋକ ସଭା କ୍ଷେତ୍ରର ୪ ବିଧାନସଭା ଓ ବଡସାହି ଆସନ ପାଇଁ ପ୍ରାର୍ଥୀ ଘୋଷିତ

# ୪ ବିଧାୟକଙ୍କ ଟିକେଟ କଟିଲା

**ବାରିପଦା ଅଫିସ,୨୯।୩**

ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ ଶୁକ୍ରବାର ଯଶିପୁର, ସାରସକଣା, ବାଙ୍ଗିରିପୋଷି ଓ ଉଦଳା ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ଯଶିପୁରରେ ଗୋଲକ ନାୟକ, ବାଙ୍ଗିରିପୋଷିରେ ସୁଦାମ ମାରାଣ୍ଡି, ସାରସକଣାରେ ଅମର ସିଂ ଟୁଡୁ ଓ ଉଦଳାରେ ଶ୍ରୀନାଥ ସୋରେନ ଦଳରୁ ପ୍ରାର୍ଥୀ ହୋଇଛନ୍ତି। ସେହିପରି ମୟୂରଭଞ୍ଜ ଜିଲା ତଥା ବାଲେଶ୍ୱର ଲୋକସଭା ଅଧୀନ ବଡସାହି ନିର୍ବାଚନ ମଣ୍ଡଳୀରେ ବୃନ୍ଦାବନ ଦାସଙ୍କ ଦଳ ଟିକେଟ ଦେଇଛି।

ବାଙ୍ଗିରିପୋଷି ଆସନ ଲାଗି ସୁଦାମଙ୍କୁ ଦଳ ପୁନର୍ବାର ଟିକେଟ ଦେଇଛି। ଉଦଳା ନିର୍ବାଚନ ମଣ୍ଡଳୀରେ ବିଧାୟକ ଗୋଲକ ନାୟକଙ୍କୁ ବାଦ ଦେଇ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କୁ ଟିକଟ ମିଳିଥିବା ବେଳେ ବଡସାହି ନିର୍ବାଚନ ମଣ୍ଡଳୀରେ ବିଧାୟକ ଗଣେଶ୍ୱର ପାତ୍ରଙ୍କ ଟିକେଟ କାଟି ନିକଟରେ ଭାଜପା ଛାଡି ବିଜେଡିରେ ଯୋଗଦେଇଥିବା ବୃନ୍ଦାବନ ଦାସଙ୍କୁ ମିଳିଛି ବିଜେଡି ଟିକେଟ। ସାରସକଣା ନିର୍ବାଚନ ମଣ୍ଡଳୀରେ ବିଧାୟକ ଭାଦବ ହାଁସଦାଙ୍କ ଟିକେଟ କଟିଥିବା ବେଳେ ସେଠାରେ ନୂତନ ପ୍ରାର୍ଥୀ ଭାବେ ବିଶୋଇ ବ୍ଲକର ଖଡମବେଡା ସରପଞ୍ଚ ଅମର ସିଂ ଟୁଡୁଙ୍କୁ ଦଳ ଟିକଟ ଦେଇଛି। ଯଶିପୁର ବିଧାୟକ ମଙ୍ଗଳ ସିଂ ମୋଦିଙ୍କ ଟିକଟ କଟିଥିବା ବେଳେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଦସ୍ୟ ଗୋଲକ ନାୟକଙ୍କୁ ଟିକଟ ପ୍ରଦାନ କରାଯାଇଛି। ପୂର୍ବରୁ ମୟୂରଭଞ୍ଜ ଲୋକସଭା ଆସନ ପାଇଁ ଡାକ୍ତର ଦେବାଶିଷ ମାରାଣ୍ଡି ଓ ମୟୂରଭଞ୍ଜ ଜିଲା ତଥା କେନ୍ଦୁଝର ଲୋକସଭା କ୍ଷେତ୍ର ଅଧୀନ କରଞ୍ଜିଆ ବିଧାନସଭା ଆସନ ପାଇଁ ବାସନ୍ତୀ ହେମ୍ବ୍ରମଙ୍କୁ ଦଳ ଟିକଟ ଦେଇଥିଲା। ତେବେ ବାରିପଦା, ରାଇରଙ୍ଗପୁର ଓ ମୋରଡା ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇନାହିଁ। ଏହି ବିଧାନସଭା ଆସନ ଗୁଡିକରେ ଦଳ ନୂତନ ପ୍ରାର୍ଥୀଙ୍କୁ ଟିକେଟ ଦେଇପାରେ ବୋଲି ଚର୍ଚ୍ଚା ହେଉଛି।


ବୃନ୍ଦାବନ ଦାସ


ସୁଦାମ ମାରାଣ୍ଡି


ଶ୍ରୀନାଥ ସୋରେନ


ଗୋଲେଖ ନାୟକ


ଅମର ସିଂ ଟୁଡୁ

## ଭାଜପା କର୍ମୀଙ୍କ ମଧ୍ୟରେ ଆଲୋଡ଼ନ

**ଆନନ୍ଦପୁର/କେନ୍ଦୁଝର, ୨୯।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଭାବେ ଟିକେଟ୍ ହାତେଇଥିବା ପୂର୍ବତନ ବିଧାୟକ ଭାଗିରଥୀ ସେଠୀ ଶୁକ୍ରବାର ନବୀନ ନିବାସକୁ ଯାଇ ବିଜେଡିରେ ଯୋଗ ଦେଇଛନ୍ତି। ଏଭଳି ଖବର ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ଭାଜପା କର୍ମୀଙ୍କ ମଧ୍ୟରେ କମ୍ପନ ସୃଷ୍ଟି କରିଛି। ଭାଗିରଥୀ ୨୦୦୯ରେ ଆନନ୍ଦପୁର ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ପରେ ୨୦୧୪ ନିର୍ବାଚନରେ ବିଜେଡି ଟିକେଟ ନ ମିଳିବାରୁ ସ୍ୱାଧୀନ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ପରବର୍ତ୍ତୀ ସମୟରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିଲେ। ୨୦୧୫ରେ ଭାଗିରଥୀ ବିଧିବଦ୍ଧ ଭାବେ ଭାଜପାରେ ଯୋଗ ଦେଇଥିଲେ। ଏବେ ଭାଗିରଥୀ ଭାଜପା ଛାଡ଼ି ବିଜେଡିରେ ମିଶିବା ଘଟଣା ଆନନ୍ଦପୁର ତଥା ରାଜ୍ୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି।

■ ବିଜେଡିର ପଞ୍ଚାୟତ ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ

# ‘ସରକାରଙ୍କ ସଫଳତା ବିଷୟରେ ଭୋଟରଙ୍କୁ ବୁଝାଅ’

**ବାଲେଶ୍ୱର ଅଫିସ,୨୯।୩**

ବାଲେଶ୍ୱର ଆଇଟିଆଇସ୍ଥିତ ଘରୋଇ ହୋଟେଲ ପରିସରରେ ସଦର ବ୍ଲକ ବିଜୁ ଜନତା ଦଳର ପଞ୍ଚାୟତସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକ ବିଜେଡି ସଭାପତି ତଥା ସଦର ବ୍ଲକର ଅଧ୍ୟକ୍ଷ ନାରାୟଣ ପ୍ରଧାନ ସଭାପତିତ୍ୱ କରିଥିଲେ। ଜିଲା ସଭାପତି ତଥା ଏମ୍ପି ପ୍ରାର୍ଥୀ ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ୨୦୧୯ ନିର୍ବାଚନରେ ସରକାରଙ୍କ ବିଭିନ୍ନ ଯୋଜନାର ସଫଳତା ଭୋଟରଙ୍କ ନିକଟରେ ପହଞ୍ଚାଇବାକୁ ପ୍ରଥମ ନିର୍ବାଚନୀ ସଭାରେ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ।

ସଦର ବିଜେଡ଼ି ବିଧାୟକ ପ୍ରାର୍ଥୀ ଜୀବନ ପ୍ରଦୀପ ଦାଶ ଯୋଗଦେଇ ଗତ ୫ ବର୍ଷରେ କର୍ମୀମାନଙ୍କ ସହଯୋଗ ପାଇଁ ସେ ଧନ୍ୟବାଦ ଜଣାଇଥିଲେ। ସେ କରିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ଘରେ ଘରେ ପହଞ୍ଚାଇ ଚଳିତ ନିର୍ବାଚନ ମଇଦାନକୁ ଓହ୍ଲାଇବେ ଓ କର୍ମୀମାନେ ସହଯୋଗ କରିବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡ଼ି ସାଧାରଣ ସମ୍ପାଦକ ବରୋଦା ପ୍ରସନ୍ନ ପଟ୍ଟନାୟକ, ନବ ନିଯୁକ୍ତ ବିଜେଡ଼ି ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ପୂର୍ବତନ ନଗରପାଳ ଆଲୋକ କୁମାର ସାହୁ, ନଗର ସଭାପତି ସ୍ୱରୂପ ଦାସ, ଏମ୍ପି ପ୍ରତିନିଧି ମନୋଜ ରାଉତ, ବରିଷ୍ଠ ନେତା ବିନୋଦ ପାଣି, ସୁଜିତ ଦେବ, ଜିଲା ଜୀବନବିନ୍ଦୁ ସଂଯୋଜକ ଆଶିଷ ଘୋଷ, ଜିଲା କୃଷକ ଜନତା ସଭାପତି ଅଜୟ ସାମଲ, ଯୁବନେତା ସତ୍ୟ ଦାସ, ଛାତ୍ର ନେତା ତାପସ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟ କମଳ ସାହୁ, ସରପଞ୍ଚ ଅନିରୁଦ୍ଧ ପ୍ରଧାନ, ଜଳଧର ବିଶ୍ୱାଳ, ଗଣେଶ ଦାସ, ପ୍ରଶାନ୍ତ ନାୟକ, ସମିତିସଭ୍ୟ ଜୀବନ ମଲ୍ଲିକ, ସଞ୍ଜୟ ଦଳେଇ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଯୁବ ସଭାପତି ଶକ୍ତିପଦ ରାୟ ଓ ମିଡ଼ିଆ ସଂଯୋଜକ ଧୀରେନ ନାୟକ ପ୍ରମୁଖ ପରିଚାଳନା କରିଥିଲେ।



ପଞ୍ଚାୟତସ୍ତରୀୟ ସମ୍ମିଳନୀରେ ବିଜେଡିର କାର୍ଯ୍ୟକର୍ତ୍ତା।

# ମଇଦାନରେ ନୂଆ, ପୁରୁଣା ମୁହଁ

**ବାଲେଶ୍ୱର ଅଫିସ,୨୯।୩**

■ ୩ ବିଧାନସଭା ଆସନ ଲାଗି ବିଜେଡିର ପ୍ରାର୍ଥୀ ଘୋଷଣା

■ ଲୋକ ସଭା ଆସନରେ ନବଜ୍ୟୋତି କଂଗ୍ରେସ ପ୍ରାର୍ଥୀ

ବାଲେଶ୍ୱର ଜିଲାର ସଦର, ଜଳେଶ୍ୱର ଏବଂ ସୋର ବିଧାନସଭା ନିର୍ବାଚନମଣ୍ଡଳୀ ସକାଶେ ବିଜେଡି ଶୁକ୍ରବାର ପ୍ରାର୍ଥୀ ଘୋଷଣା କରିଛି। ବାଲେଶ୍ୱର ସଦରରୁ ଜୀବନ ପ୍ରଦୀପ ଦାଶଙ୍କୁ ଟିକେଟ ମିଳିଥିବା ବେଳେ ଜଳେଶ୍ୱରରୁ ଅଶ୍ୱିନୀ କୁମାର ପାତ୍ର ଏବଂ ସୋରରୁ ପର୍ଶୁରାମ ଧଡ଼ାଙ୍କୁ ପ୍ରାର୍ଥୀ କରାଯାଇଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଜିଲା ପାଇଁ ଏହି ୩ ଆସନରୁ ପୁରୁଖା ନେତାଙ୍କୁ ପ୍ରାର୍ଥୀ କରିଥିବା ବେଳେ ଭାଜପା ଓ କଂଗ୍ରେସରେ କେତେକ ନୂଆ ମୁହଁ ଦେଖିବାକୁ ମିଳିଛି, ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହୋଇଛି।

ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରୁ ଜୀବନ ପ୍ରଦୀପ ଦାଶ ଗତ ୨୦୦୦ ମସିହାରୁ ନିର୍ବାଚନ ଲଢ଼ି ଆସୁଛନ୍ତି। ୨୦୦୪ ନିର୍ବାଚନରେ ସେ ପରାଜିତ ହୋଇଥିବା ବେଳେ ୨୦୦୦, ୨୦୦୯ ଏବଂ ୨୦୧୪ ନିର୍ବାଚନରେ ବିଜୟୀ ହୋଇଥିଲେ। ପୁଣିଥରେ ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଛି। ସେହିପରି ଜଳେଶ୍ୱର ନିର୍ବାଚନମଣ୍ଡଳୀରେ ଅଶ୍ୱିନୀ କୁମାର ପାତ୍ର ପୂର୍ବରୁ ୨ଥର ବିଧାୟକ ଥିବାବେଳେ ସୋର ନିର୍ବାଚନମଣ୍ଡଳୀରେ ପର୍ଶୁରାମ ଧଡ଼ା ୨୦୧୪ ନିର୍ବାଚନରେ ନିର୍ବାଚିତ ହୋଇଥିଲେ। ରାଜନୀତି ମଇଦାନରେ ପୁରୁଣା ଖେଳାଳିଙ୍କ ଉପରେ ଭରସା କରି ଦଳ ନିର୍ବାଚନ ବୈତରଣୀ ପାରି ହେବାର ଆଶା ପ୍ରକଟ କରିଥିବା ପ୍ରତୀତ ହେଉଛି। ପୂର୍ବରୁ ପ୍ରକାଶ ପାଇଥିବା ପ୍ରାର୍ଥୀ ତାଲିକାରେ ସିମୁଳିଆର ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଭୋଗରାଇରୁ ମନ୍ତ୍ରୀ ଅନନ୍ତ ଦାସ ଟିକେଟ ପାଇଥିଲେ। କେବଳ ରେମୁଣା ନିର୍ବାଚନମଣ୍ଡଳୀରେ ନୂଆ ମୁହଁ ଭାବେ ଦଳ ପ୍ରାର୍ଥୀ ସୁଧାଂଶୁ ଶେଖର ପରିଡ଼ାଙ୍କୁ ପ୍ରାର୍ଥୀ କରିଥିଲା। ଏହି ଜିଲାରେ କେବଳ ନୀଳଗିରି ଏବଂ ବସ୍ତା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଘୋଷଣା ଝୁଲି ରହିଛି। ଏହାକୁ ନେଇ ଆଶାୟୀ ନେତାମାନେ ଆଶା ଆଶଙ୍କାରେ ରହିଛନ୍ତି। ବାଲେଶ୍ୱର ଜିଲା ଲୋକସଭା ଆସନରେ ୨୦୧୪ ମସିହାରେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିବା ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ଦଳ ଏଥର ମଧ୍ୟ ଟିକେଟ ଦେଇଛି।

ସେହିପରି ଭାଜପା ସଦର ନିର୍ବାଚନମଣ୍ଡଳୀର ମଦନ ମୋହନ ଦତ୍ତଙ୍କୁ ପ୍ରାର୍ଥୀ କରିଥିବା ବେଳେ ରେମୁଣାରୁ ଗୋବିନ୍ଦ ଚନ୍ଦ୍ର ଦାସ, ଜଳେଶ୍ୱରରୁ ଜୟନାରାୟଣ ମହାନ୍ତି, ସିମୁଳିଆରୁ ପଦ୍ମଲୋଚନ ପଣ୍ଡା, ସୋର ନିର୍ବାଚନମଣ୍ଡଳୀରୁ ରାକେଶ ମଲ୍ଲିକଙ୍କୁ ଟିକେଟ ଦେଇଛି। ନୀଳଗିରି, ବସ୍ତା, ଭୋଗରାଇ ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା ବାକି ରହିଛି। ଲୋକସଭା ପ୍ରାର୍ଥୀ ଭାବେ ୨୦୧୪ ମସିହା ନିର୍ବାଚନରେ ପରାଜିତ ହୋଇଥିବା ପ୍ରତାପ ଷଡ଼ଙ୍ଗୀ ପୁନର୍ବାର ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ବାଲେଶ୍ୱର ଲୋକସଭା ଆସନ ପାଇଁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପୁତ୍ର ନବଜ୍ୟୋତି ପଟ୍ଟନାୟକଙ୍କ ନାମ ଘୋଷଣା କରିଛି। ନୀଳଗିରି ବିଧାନସଭାମଣ୍ଡଳୀରେ ମନୋଜା ମଞ୍ଜରୀ ଦେବୀ, ଜଳେଶ୍ୱରରୁ ସୁଦର୍ଶନ ଦାସ, ବସ୍ତାରୁ ବିଜନ ନାୟକ, ଭୋଗରାଇରୁ ସତ୍ୟଶିବ ଦାସ, ରେମୁଣାରୁ ପ୍ରତାପ ସେଠୀଙ୍କୁ କଂଗ୍ରେସ ଟିକେଟ ଦେଇଛି। ବାଲେଶ୍ୱର ସଦର, ସୋର ଏବଂ ସିମୁଳିଆ ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଘୋଷଣା ବାକି ରହିଛି।


ଜୀବନ ପ୍ରଦୀପ ଦାଶ


ଅଶ୍ୱିନୀ କୁମାର ପାତ୍ର


ପର୍ଶୁରାମ ଧଡ଼ା

## ବିଜେଡି ଛାଡ଼ିଲେ ପ୍ରତାପ

**ଚାନ୍ଦବାଲି, ୨୯।୩ (ଡି.ଏନ.ଏ):** ବିଜେଡିର ଦଳୀୟ ପ୍ରାର୍ଥୀ ଭାବେ ବ୍ୟୋମକେଶ ରାୟଙ୍କୁ ଟିକେଟ ମିଳିବା ପ୍ରତିବାଦରେ ଶୁକ୍ରବାର ଅପରାହ୍ଣରେ ପୂର୍ବତନ ବ୍ଲକ ବିଜେଡି ସଭାପତି ତଥା ବିଜେଡିର ଭଦ୍ରକ ଜିଲା ଉପସଭାପତି ପ୍ରତାପ ଧଳ ନିଜର ବହୁ ସମର୍ଥକଙ୍କ ସହିତ ବିଜେଡିରୁ ଇସ୍ତଫା ଦେଇଛନ୍ତି। ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ‘ମୁଁ ଦୀର୍ଘଦିନ ଧରି ବିଜେଡି ରାଜନୀତିରେ ଥିଲି। ଦଳକୁ ବିଧାନସଭା, ଲୋକ ସଭା ଓ ପଞ୍ଚାୟତ ନିର୍ବାଚନରେ ଜୟଯୁକ୍ତ କରିଥିଲେ ମଧ୍ୟ ମୋତେ ଦଳରେ ଅଣଦେଖା କରାଯାଉଥିଲା। ବାଧ୍ୟ ହୋଇ ଇସ୍ତଫା ଦେଲି।’

ଶୁକ୍ରବାର ସକାଳେ ପ୍ରତାପ ଧଳ ନିଜର ସମର୍ଥକଙ୍କୁ ନେଇ ଯଶିପୁର ପଞ୍ଚାୟତର ବାରାକୋଲ୍ହାଠାରେ ଏକ ବୈଠକ କରିଥିଲେ। ବୈଠକରେ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ରାଜନୈତିକ ସ୍ଥିତି ସମ୍ପର୍କରେ ସେ ଆଲୋଚନା କରି ଆଗାମୀ ପଦକ୍ଷେପ ପାଇଁ ନିଜର ସମର୍ଥକଙ୍କ ମତାମତ ଲୋଡ଼ିଥିଲେ। ସେମାନଙ୍କ ମତାମତ ନେବା ପରେ ସେ ଦଳରୁ ଇସ୍ତଫା ଦେଇଛନ୍ତି। ସରପଞ୍ଚ କାଳନ୍ଦୀ ସାହୁ, ସଞ୍ଜୁଲତା ତରାଇ, ସମିତିସଭ୍ୟା ଶ୍ରଦ୍ଧାଞ୍ଜଳି ଧଳ, କାଦମ୍ବିନୀ ପରିଡା, ସମିତିସଭ୍ୟ ତାପସ ନାୟକ, ପୂର୍ବତନ ସରପଞ୍ଚ ଦୁର୍ଗା ନାୟକ, ଜୟକୃଷ୍ଣ ଜେନା, ହାପିଜ୍ ସାହା, ଅଭିମନ୍ୟୁ ଦାସ, ରତ୍ନାକର ଦାସ, ବିକାଶ ପରିଡା, ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ଜୟନ୍ତ ବେହୁରାଙ୍କ ସମେତ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତର କର୍ମୀ ବୈଠକରେ ଯୋଗ ଦେଇଥିଲେ। ପ୍ରତାପ ଧଳ ଦୀର୍ଘଦିନ ଧରି ଚାନ୍ଦବାଲି ବ୍ଲକର ଅଣକଂଗ୍ରେସ ରାଜନୀତି ସହିତ ସମ୍ପୃକ୍ତ ଥିଲେ। ପ୍ରାୟ ୧୮ ବର୍ଷ ଧରି ସେ ଚାନ୍ଦବାଲି ବ୍ଲକ ବିଜେଡି ସଭାପତି ଓ ଏମ୍ପି ଅର୍ଜୁନ ସେଠୀଙ୍କ ଚାନ୍ଦବାଲି ବ୍ଲକ ପ୍ରତିନିଧି ପଦରେ ରହିଥିଲେ। ଦଳ ବିରୋଧୀ କାମ ପାଇଁ ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନକୁ ଲକ୍ଷ୍ୟ କରି ପ୍ରତାପ ଆଗୁଆ ଇସ୍ତଫା ଦେଇଛନ୍ତି ଓ ତାଙ୍କ ଇସ୍ତଫା ବିଜେଡି ଉପରେ କିଛି ପ୍ରଭାବ ପକାଇବ ନାହିଁ ବୋଲି ବ୍ୟୋମକେଶ ରାୟ ପ୍ରତିକ୍ରିୟା ରଖିଛନ୍ତି।

## ବିଜେଡିରେ ମିଶିଲେ ଅସନ୍ତୁଷ୍ଟ କଂଗ୍ରେସ କର୍ମୀ

**ବାଲେଶ୍ୱର ଅଫିସ, ୨୯।୩**

ବାଲେଶ୍ୱର ଏକ ଘରୋଇ କଲ୍ୟାଣମଣ୍ଡପ ପରିସରରେ ଭୋଗରାଇ ନିର୍ବାଚନମଣ୍ଡଳୀର ୫ଶହରୁ ଊର୍ଦ୍ଧ୍ୱ ଅସନ୍ତୁଷ୍ଟ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବ ଶୁକ୍ରବାର ମଧ୍ୟାହ୍ନରେ ହୋଇଥିଲା। ଭୋଗରାଇ ବ୍ଲକ ସଭାପତି ତ୍ରିଲୋଚନ ବେହେରା ମିଶ୍ରଣ ଉତ୍ସବରେ ସଭାପତିତ୍ୱ କରିଥିଲେ। ପୁରୁଣା କଂଗ୍ରେସ ନେତା ହରେନ୍ଦ୍ର ଦାସଙ୍କ ନେତୃତ୍ୱରେ ୫ଶହରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା ଏବଂ ବିଜେଡି ଜିଲାସଭାପତି ତଥା ବାଲେଶ୍ୱର ଏମ୍ପି ପ୍ରାର୍ଥୀ ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ବଳିଷ୍ଠ ନେତୃତ୍ୱ ଉପରେ ଭରସା ରଖି ଯୋଗଦେଇଛନ୍ତି। କଂଗ୍ରେସରେ ଦୀର୍ଘଦିନ ଧରି ସେମାନଙ୍କୁ ଅଲୋଡ଼ା ଭାବରେ ଏକଘରିଆ କରିଥିବା ଅଭିଯୋଗ କରିଥିଲେ। ଉକ୍ତ ମିଶ୍ରଣ ଉତ୍ସବରେ ସାମାଜିକ କର୍ମୀ ସୁବାସିନୀ ଜେନା, ଜିଲା ବିଜେଡି ସାଧାରଣ ସମ୍ପାଦକ ବରୋଦା ପ୍ରସନ୍ନ ଦାସ, ଜିଲାପରିଷଦ ସଦସ୍ୟା କୁମୁଦିନୀ ଜେନା ଓ ଗିରିଶ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଭଦ୍ରକ ଲୋକ ସଭା ଆସନ ପାଇଁ କଂଗ୍ରେସରୁ ଲଢ଼ିବେ ମଧୁମିତା

■ ଧାମନଗର ବିଧାନସଭା କ୍ଷେତ୍ରରୁ ବିଦ୍ୟାଧର ଓ ବାସୁଦେବପୁରରୁ ଅଶୋକଙ୍କୁ ମିଳିଲା କଂଗ୍ରେସ ଟିକେଟ

**ଭଦ୍ରକ ଅଫିସ, ୨୯।୩**

କଂଗ୍ରେସ ପକ୍ଷରୁ ଶୁକ୍ରବାର ଭଦ୍ରକ ଜିଲାର ୨ ବିଧାନସଭା ଓ ଭଦ୍ରକ ଲୋକ ସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଭଦ୍ରକ ଲୋକ ସଭା କ୍ଷେତ୍ର ପାଇଁ ଇଂ. ମଧୁମିତା ସେଠୀ, ଧାମନଗର ବିଧାନସଭା ଆସନରେ ବିଦ୍ୟାଧର ଜେନା ଓ ବାସୁଦେବପୁର ବିଧାନସଭା କ୍ଷେତ୍ର ଲାଗି ଅଶୋକ ଦାସଙ୍କ ନାମ ଘୋଷଣା ହୋଇଛି। ସେହିଭଳି ବିଜେଡି ପକ୍ଷରୁ ଭଦ୍ରକ ବିଧାନସଭା କ୍ଷେତ୍ର ପାଇଁ ସଞ୍ଜୀବ ମଲିକଙ୍କ ନାମ ଘୋଷଣା କରାଯାଇଛି। ହେଲେ ବିଜେଡି ପକ୍ଷରୁ ଧାମନଗର ବିଧାନସଭା ଆସନ ସକାଶେ ପ୍ରାର୍ଥୀଙ୍କ ନାମ ଘୋଷଣା ନ ହୋଇ ଝୁଲାଇ ରଖାଯାଇଛି।


ଅଶୋକ ଦାସ


ବିଦ୍ୟାଧର ଜେନା


ସଞ୍ଜୀବ ମଲ୍ଲିକ

କଂଗ୍ରେସର ଭଦ୍ରକ ଲୋକ ସଭା ପ୍ରାର୍ଥୀ ମଧୁମିତା ହେଉଛନ୍ତି ପୂର୍ବତନ ଏମ୍ପି ଅନନ୍ତ ସେଠୀଙ୍କ ଝିଅ। ଅନନ୍ତ ଏହି ଲୋକସଭା ପାଇଁ ୧୯୮୪, ରାଜ୍ୟସଭା ୧୯୯୬ ଓ ପୁଣିଥରେ ୨୦୦୪ରେ ବିଧାନସଭା ଆସନ ପାଇଁ ନିର୍ବାଚିତ ହୋଇଥିଲେ। ତାଙ୍କ ପୁଅ କୁମାର ଚିରଞ୍ଜୀବ ସେଠୀ ଉପନିର୍ବାଚନରେ ୨୦୦୪ରେ ନିର୍ବାଚିତ ହୋଇଥିଲେ। ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଅନନ୍ତଙ୍କ ଝିଅ ମଧୁମିତାଙ୍କୁ ଏଥର ପ୍ରାର୍ଥୀ ଭାବେ ଚୟନ କରିବା ପ୍ରସଙ୍ଗ ଚର୍ଚ୍ଚା ସୃଷ୍ଟି କରିଛି। ସେହିଭଳି ବାସୁଦେବପୁର ବିଧାନସଭା କ୍ଷେତ୍ର ପାଇଁ ଲଢ଼ିବେ ଜିଲା କଂଗ୍ରେସ ସଭାପତି ତଥା ବାସୁଦେବପୁରର ପୂର୍ବତନ ନଗରପାଳ ଅଶୋକ ଦାସ। ସେ ଏବେ ଜିଲା କଂଗ୍ରେସର ମଙ୍ଗ ଧରିଛନ୍ତି। ସେ ପଞ୍ଚାୟତରୁ ପଞ୍ଚାୟତ ବୁଲି ଯୁବ ଭୋଟର ଓ ଦଳୀୟ କର୍ମୀ, ସମର୍ଥକଙ୍କୁ ଏକଜୁଟ କରିବାରେ ଲାଗିପଡ଼ିଛନ୍ତି। ପୂର୍ବ ନିର୍ବାଚନ ପରି ଦଳ ମଧ୍ୟରେ ନେତୃତ୍ୱ କନ୍ଦଳ ନ ଥିବା ଏବଂ ବରିଷ୍ଠ ନେତାମାନେ ତାଙ୍କୁ ସମର୍ଥନ କରୁଥିବା କୁହାଯାଉଛି। ଧାମନଗରରୁ ବିଦ୍ୟାଧର ଜେନାଙ୍କୁ ପ୍ରାର୍ଥୀ କରିଛି କଂଗ୍ରେସ। ସେ ଅଞ୍ଚଳରେ ହୋମିଓପାଥି ଡାକ୍ତର ଓ ବ୍ୟବସାୟୀ ଭାବେ ପରିଚିତ।

■ ବିଜେଡି ଘୋଷଣା କଲା ଭଦ୍ରକ ବିଧାନସଭା ପ୍ରାର୍ଥୀ

■ ଝୁଲି ରହିଲା ଧାମନଗର

ବିଜେଡି ପକ୍ଷରୁ ଭଦ୍ରକ ବିଧାନସଭା କ୍ଷେତ୍ର ସକାଶେ ପ୍ରାର୍ଥୀ ହୋଇଥିବା ସଞ୍ଜୀବ ହେଉଛନ୍ତି ପୂର୍ବତନ ବିଧାୟକ ସ୍ୱର୍ଗତ ହୃଦାନନ୍ଦ ମଲିକଙ୍କ ପୁଅ ଓ ପୂର୍ବତନ ବିଧାୟକ ମାନସ ରଞ୍ଜନ ମଲିକଙ୍କ ସାନଭାଇ। ସେ ଅଞ୍ଚଳରେ ସମାଜସେବୀ ଭାବେ ପରିଚିତ। କିଛିଦିନ ଧରି ଭଦ୍ରକରେ ସଞ୍ଜୀବ ଓ ବିଧାୟକ ଯୁଗଳ କିଶୋର ପଟ୍ଟନାୟକଙ୍କ ପୁଅ ଅସିତ୍ ପଟ୍ଟନାୟକଙ୍କ ମଧ୍ୟରୁ କିଏ ଟିକେଟ ପାଇବେ ଏନେଇ ଚର୍ଚ୍ଚା ଲାଗିରହିଥିଲା। ବିଧାୟକ ଯୁଗଳ କିଶୋର ପଟ୍ଟନାୟକ ଓ ତାଙ୍କ ପୁଅ ଅସିତ୍‌ଙ୍କର ଭଦ୍ରକରେ ରାଜନୈତିକ ଦବ୍‌ଦବା ଲାଗିରହିଥିଲା। ଏଠାରେ ସଞ୍ଜୀବଙ୍କ ନାମ ଘୋଷଣା ପରେ ଚର୍ଚ୍ଚାର ଅବସାନ ଘଟିଛି।

## ସଂକ୍ଷେପରେ

### ଟ୍ରେନ୍‌ରୁ ଖସି ଅଜଣା ଯୁବକ ଗୁରୁତର

ବସ୍ତା, ୨୯।୩(ସ୍ୱ.ପ୍ର.): ବସ୍ତା ରେଳ ଷ୍ଟେଶନ ସନ୍ନିକଟ ଟ୍ରେନ୍‌ରୁ ଖସି ଜଣେ ଅଜଣା ଯୁବକ ଗୁରୁତର ହୋଇପଡିଛନ୍ତି। ଶୁକ୍ରବାର ସକାଳ ପ୍ରାୟ ୯ଟାରେ ଯାଜପୁର-ଖଡ଼ଗପୁର ୫୮୦୧୦ ନଂ. ବସ୍ତା ଷ୍ଟେଶନରେ ରହଣିର ଠିକ୍ ପୂର୍ବରୁ ଉକ୍ତ ଯୁବକ ଟ୍ରେନ୍ ଗେଟ୍ ସମ୍ମୁଖରେ ଛିଡ଼ା ହୋଇଥିବା ବେଳେ ଟ୍ରେନ୍ ଧାରଣା ପାର୍ଶ୍ୱରେ ଥିବା ସୂଚନା ଫଳକରେ ବାଡ଼େଇ ଯାଇ ଖସିପଡ଼ିଥିଲେ। ଚେତାଶୂନ୍ୟ ଅବସ୍ଥାରେ ବସ୍ତା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ତାଙ୍କର ପରିଚୟ ମିଳିପାରିନାହିଁ। ତାଙ୍କ ବୟସ ଆନୁମାନିକ ୪୦ ହେବ।

### ଡିଜିଟାଲ ସାକ୍ଷରତା ଅଭିଯାନ

ଖଇରା, ୨୯।୩(ଡି.ଏନ.ଏ.): ଖଇରା ବ୍ଲକ ଆଳଦାସ୍ଥିତ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ଏକ୍ସଲେଣ୍ଟ କମ୍ପ୍ୟୁଟରରେ ଡିଜିଟାଲ ସାକ୍ଷରତା ଅଭିଯାନ ୨୭ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପରିଚାଳକ ଧନଞ୍ଜୟ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଓକେସିଏଲର ପ୍ରୋଗ୍ରାମ ମ୍ୟାନେଜର ଜୟେଶ ମହୋତ ଯୋଗଦେଇ କମ୍ପ୍ୟୁଟର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଓକେସିଏଲ ଜିଲା ମ୍ୟାନେଜର ରାକେଶ ପରିଡା ଏବଂ ଆଇଟିର ସଂଯୋଜକ ବିଭୂତି ଭୂଷଣ ଦାସ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ କର୍ମଚାରୀ ପୁଷ୍ପଲତା ନାୟକ, କରିସ୍ମା ବେହେରା, ନରୋତ୍ତମ ଦାସଙ୍କ ସମେତ ସମସ୍ତ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।

### ଗ୍ୟାସ୍ ବୋଝେଇ ଟ୍ରକକୁ ଧକ୍କା ଦେଲା କାର୍ ବ୍ୟାଙ୍କ କର୍ମଚାରୀ ଗୁରୁତର

ସୋର, ୨୯।୩(ଡି.ଏନ.ଏ.): ସୋର ୧୬ନଂ. ଜାତୀୟ ରାଜପଥ ନାୟକବନ୍ଧ ଡାଇଭର୍ସନ୍‌ଠାରେ ହଠାତ୍ ଏକ ଗ୍ୟାସ୍ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଛି। ଏହି ସମୟରେ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ଇଣ୍ଡିକା କାର୍ ଟ୍ରକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ କାର୍ ମଧ୍ୟରେ ଥିବା ବାଲେଶ୍ୱର ଫେଡ଼େରାଲ ବ୍ୟାଙ୍କର କର୍ମଚାରୀ ଅମିତ୍ କୁମାର ଗୁରୁତର ଆହତ ହୋଇଛନ୍ତି।

### ପଥର ବୋଝେଇ ଟ୍ରକ୍ ଓଲଟିଲା ଅଳ୍ପକେ ବର୍ତ୍ତିଲେ ତହସିଲଦାର

ସୋର, ୨୯।୩(ଡି.ଏନ.ଏ.): ବେଆଇନ ଭାବେ ପଥର ଓଭରଲୋଡ଼ିଂ କରି ବାଗୁଡ଼ି ଖାଦାନ୍‌ରୁ ଆସୁଥିବା ଏକ ଟ୍ରକକୁ ସୋର ୧୬ନଂ. ଜାତୀୟ ରାଜପଥ କଲେଜ ଛକଠାରେ ସୋର ତହସିଲଦାର ଓ ପୋଲିସ ଅଟକାଇଥିଲେ। ଏହି ସମୟରେ ଟ୍ରକ୍ ଭାରସାମ୍ୟ ହରାଇ ନୟନଯୋରୀକୁ ଓଲଟି ପଡିଥିଲା। ଗାଡ଼ିରେ ତହସିଲଦାର ଦେବୀ ପ୍ରସନ୍ନ ଦାସ, ସୋର ଥାନା ଏଏସ୍‌ଆଇ ଅମୂଲ୍ୟ କୁମାର ଗିରି, ଡ୍ରାଇଭର କରୁଣାକର ସାହୁ ଥିବାରୁ ସେମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

### ବାଲି, ପଥର ମାଫିଆଙ୍କ କବ୍‌ଜାରେ ସ୍ଲିପ୍‌ରୋଡ୍

ଜଳେଶ୍ୱର, ୨୯।୩(ଡି.ଏନ.ଏ.): ବାଲେଶ୍ୱର ଜିଲା ଜଳେଶ୍ୱର ମଧ ଦେଇ ଯାଇଥିବା ୬୦ ନଂ. ଜାତୀୟ ରାଜପଥର ନହଞ୍ଜରା ଓ ଆମ୍ବିଳିଅଠା ସ୍ଲିପରୋଡ୍ ଉପରେ ଦୀର୍ଘଦିନ ଧରି ବାଲି ଓ ପଥର ମାଫିଆମାନେ ଡମ୍ପିଂ କରି ରଖୁଛନ୍ତି। ଟ୍ରାକ୍ଟର ମାଧ୍ୟମରେ ସେଗୁଡ଼ିକୁ ଖୁଚୁରାରେ ବିକ୍ରୟ କରି ନିଜେ ମାଲାମାଲ ହେଉଥିବା ବେଳେ ଉକ୍ତ ରାସ୍ତା ଦେଇ ଯାଉଥିବା ପଥଚାରୀ ଓ ଛୋଟ ବଡ଼ ଯାନବାହନରେ ଯାଉଥିବା ଲୋକେ ବହୁ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଓଦା ବାଲି ଡମ୍ପିଂ ଦ୍ୱାରା ରାସ୍ତାରେ ପାଣି ଜମି ରହିବା ଫଳରେ ଖାଲଖମା ସୃଷ୍ଟି ହେଉଛି। ଉକ୍ତ ରାସ୍ତା ଦେଇ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଯାତାୟାତ କରୁଥିଲେ ମଧ ଏହି ସମସ୍ୟାର କୌଣସି ସମାଧାନ କରାଯାଉ ନ ଥିବାରୁ ଲୋକେ ବହୁତ ହଇରାଣ ହେଉଛନ୍ତି। ଏଥିପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ପ୍ରଶାସନ ନିକଟରେ ସାଧାରଣରେ ହୋଇଛି।

# ଅନନ୍ୟ ମହୋତ୍ସବ 'ଅନ୍ନ ମହୋତ୍ସବ'

(ପ୍ରଦୀପ ଦାସ)
ଭୋଗରାଇ, ୨୯।୩

■ଯେଉଁଠି ୧୦ହଜାରରୁ ଊର୍ଦ୍ଧ୍ୱ ଲୋକ ଏକାଠି ଭୋଜନ କରନ୍ତି

■ବର୍ଷକୁ ଖର୍ଚ୍ଚ ହୁଏ ହାରାହାରି ୫୦ କୋଟିରୁ ଊର୍ଦ୍ଧ୍ୱ



ଝକ୍‌ଝକି ଶୀତଳା ଓ କାଳୀ ମନ୍ଦିରରେ ଅନ୍ନ ପ୍ରସାଦ ଭୋଜନ

ବାଲେଶ୍ୱର ଜିଲାର ଭୋଗରାଇ ରାଜ୍ୟର ସର୍ବବୃହତ୍ ବ୍ଲକ। ୫୦ ପଞ୍ଚାୟତକୁ ନେଇ ଏହି ବ୍ଲକ ଗଠିତ। ଲୋକସଂଖ୍ୟା ପାଖାପାଖି ସାଢ଼େ ୩ଲକ୍ଷ। ପଶ୍ଚିମବଙ୍ଗ ସୀମାନ୍ତରେ ଏହି ବ୍ଲକ ରହିଥିବା ବେଳେ ଓଡ଼ିଆ ସଂସ୍କୃତି, ପରମ୍ପରା ବଙ୍ଗବାସୀଙ୍କୁ ପ୍ରଭାବିତ କରିଆସୁଛି। ଏଠାକାର ସାଂସ୍କୃତିକ, ଆତିଥେୟତା, ଭାଇଚାରା ନିଆରା। ଏହି ଅଞ୍ଚଳର ଅନ୍ନ ମହୋତ୍ସବ ଅନନ୍ୟ। ଅନ୍ନ ମହୋତ୍ସବ ଦ୍ୱାରା ଜାତି, ଧର୍ମ ଓ ବର୍ଣ୍ଣକୁ ଏକ ସେତୁରେ ବାନ୍ଧି ରଖିବାକୁ ଅଦ୍ୟାବଧି ପ୍ରୟାସ ଜାରି ରହିଛି। ଆମ ଦେଶରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନ, ତୀର୍ଥକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ଖିରି, ଖେଚୁଡ଼ି, ଡାଲମା ପୁରି ଦିଆଯାଉଥିବା ବେଳେ ଭୋଗରାଇ ଅଞ୍ଚଳରେ ଅନ୍ନ ମହୋତ୍ସବ ଭିନ୍ନ ପରମ୍ପରାକୁ ସୂଚିତ କରୁଛି। ଭୋଗରାଇର ବିଭିନ୍ନ ଅଞ୍ଚଳରେ ପ୍ରତିଦିନ ୧୦ରୁ ୧୫ଟି ଘରୋଇ, ସାର୍ବଜନୀନ ଓ ଧାର୍ମିକ ଅନୁଷ୍ଠାନରେ ଅନ୍ନ ମହୋତ୍ସବ ଆୟୋଜନ ହେଉଛି। ଏହି ଅନ୍ନ ମହୋତ୍ସବ ଦିନ କିମ୍ବା ରାତିରେ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏକାଠି ବସି ଭୋଜନ କରିଥାନ୍ତି। ଓଡ଼ିଶା କିମ୍ବା ଅନ୍ୟ ରାଜ୍ୟରୁ ଆସିଥିବା ଲୋକେ ଭୋଗରାଇର ଶୃଙ୍ଖଳିତ ଅନ୍ନ ମହୋତ୍ସବ ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଥାନ୍ତି।

ଐତିହାସିକ ତଥ୍ୟରୁ ଜଣାଯାଏ, ବଙ୍ଗ ପ୍ରଦେଶର ଶ୍ରୀଚୈତନ୍ୟ ଦେବ ଭକ୍ତିମାର୍ଗ ପ୍ରଚାର ଓ ପ୍ରସାର ପାଇଁ ପୁରୀ ଶ୍ରୀଜଗନ୍ନାଥ ଧାମ ଆଗମନ ବେଳେ ଭକ୍ତମାନଙ୍କ ଅବସ୍ଥାନ ନିମନ୍ତେ ବିଭିନ୍ନ ସ୍ଥାନରେ ଅନ୍ନ ମହୋତ୍ସବ ଆୟୋଜନ କରିଥିଲେ। ସମ୍ଭବତଃ ସେହି ସମୟରୁ ଅଦ୍ୟାବଧି ଶ୍ରୀଚୈତନ୍ୟଙ୍କ ନାମିତ ଅନ୍ନ ମହୋତ୍ସବ ହୋଇଆସୁଛି। ରୋଗୀ, ଭୋଗୀ, ବ୍ୟବସାୟ ଓ ବାଣିଜ୍ୟ, ଘର ଶୁଭକାର୍ଯ୍ୟ, ଛାତ୍ରୀଛାତ୍ରଙ୍କ ସଫଳତା ଏବଂ ସର୍ବମଙ୍ଗଳ ନିମନ୍ତେ ଭୋଗରାଇରେ ବ୍ୟାପକ ଭାବେ ଅନ୍ନ ମହୋତ୍ସବର ଆୟୋଜନ ହେଉଛି। ଏଥିପାଇଁ ସୀମାନ୍ତ ପଶ୍ଚିମବଙ୍ଗ ପାଇହାମେଦିନୀପୁର ଗ୍ରାମରେ ଅବସ୍ଥିତ ଶ୍ରୀଚୈତନ୍ୟଦେବଙ୍କୁ ବର୍ଷକ ପୂର୍ବରୁ ଅଗ୍ରିମ ସଲାମି ଅର୍ଥ ଦେବାକୁ ପଡ଼ିଥାଏ। ଏତଦ୍‌ଭିନ୍ନ ଜଳେଶ୍ୱରପୁରର ରାଧାମାଧବ, ମନ୍ଦାରସାହିରେ କଳାବନ୍ଧୀ, ନରସିଂହପୁରରେ ଗୋପାଳଜୀଉ, ନୂତନ ଗ୍ରାମ ବାରବାଟିଆର କଳାକଳୁଷ ନାଶିନୀ, ଚୌକି ଗ୍ରାମର ସ୍ୱର୍ଗତ ବସନ୍ତ ପଣ୍ଡାଙ୍କ ଶ୍ରୀଜଗନ୍ନାଥଙ୍କୁ ବିଭିନ୍ନ ଧାର୍ମିକ, ଘରୋଇ ଓ ସାର୍ବଜନୀନ ଅନୁଷ୍ଠାନକୁ ନିଆଯାଇ ପୂଜାର୍ଚ୍ଚନା ସହ ଅନ୍ନ ମହୋତ୍ସବ କରାଯାଇଥାଏ। ଧର୍ମୀୟ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ନାମ ସଂକୀର୍ତ୍ତନ, ଝାଲି, ଘଡ଼ି, ଶଙ୍ଖନାଦରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ। ପୌଷମାସଠାରୁ ବୈଶାଖ ଶେଷ ପର୍ଯ୍ୟନ୍ତ ପ୍ରଚୁର ପନିପରିବା ମିଳୁଥିବାରୁ ଏହି ଋତୁରେ ଅନ୍ନ ମହୋତ୍ସବ ବ୍ୟାପକ ହୋଇଥାଏ। ଭୋଗରାଇର ଜଳସୋହରିଆ ଗ୍ରାମର ୮୫ ପରିବାରରେ ପ୍ରାୟ ବର୍ଷକରେ ସମସ୍ତଙ୍କ ଘରେ ଏହି ଅନ୍ନ ମହୋତ୍ସବ ହୋଇଥାଏ। ଏହି ଗ୍ରାମକୁ ଭୋଗରାଇର ଅନ୍ନ ମହୋତ୍ସବର ଘର କୁହାଯାଏ। ଅନ୍ନ ମହୋତ୍ସବରେ ଡାଲି, ଘାଣ୍ଟ, ଶାଗ, ସୁକ୍ତ, ଚଟଣି ଓ ପାଏସ୍‌ର ସ୍ୱାଦ ରୁଚିକର ଓ ଭିନ୍ନ ହୋଇଥାଏ। ଏଥିପାଇଁ ସ୍ୱତନ୍ତ୍ର ରୋଷେୟା ଦଳ ଥାନ୍ତି। ଭୋଗରାଇର ଥାନାଛକ ଉଦ୍‌ପଦା, ଗୋପାଳପୁର, ଚନ୍ଦନେଶ୍ୱର ମଠ, ବର୍ଡ଼ର କିଆଗଡ଼ିଆ ମଠ, ଗୁନାଇବସାଣ, ଭୋଗରାଇ, ବାଉଡ଼ିହା, ଜଳେଶ୍ୱରପୁର, ଗୋବର୍ଦ୍ଧନପୁର, କମର୍ଦ୍ଦା, ଅନଳିଆ, ଚୌକି, ସହୋରିଆ, ବଗଡ଼ ଆଦି ଗ୍ରାମରେ ବର୍ଷକରେ ଅନ୍ନ ମହୋତ୍ସବ ହୋଇଥାଏ।

ନାବାର୍ଡ଼ର ପୂର୍ବାଞ୍ଚଳ ଅବସରପ୍ରାପ୍ତ ମହାପ୍ରାବନ୍ଧିକ ରଣଜିତ୍ କୁମାର ଦାସ କହନ୍ତି, ଅନ୍ନ ମହୋତ୍ସବ ଦ୍ୱାରା ବିଭିନ୍ନ ଗାଁ ମଧ୍ୟରେ ଥିବା ଦ୍ୱନ୍ଦ୍ୱ ଓ ଅନ୍ତର୍ଦ୍ୱନ୍ଦ୍ୱର ସମାଧାନ ହୋଇ ଭାଇଚାରା ସୃଷ୍ଟି ହୋଇଥାଏ। ବର୍ଷକୁ ୫ହଜାର ଅନ୍ନ ମହୋତ୍ସବ ହେଉଥିବାରୁ ୫୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୁଏ। ଭୋଗରାଇ ସଂଗ୍ରହ ନିରୀକ୍ଷକ ଓମ୍ ପ୍ରକାଶ ମହାପାତ୍ର କହନ୍ତି, ଅନ୍ନ ମହୋତ୍ସବ ଶାନ୍ତି, ସୌହାର୍ଦ୍ଧ୍ୟ ଓ ଏକତାର ବାର୍ତ୍ତା ଦିଏ। ମହାପ୍ରଭୁଙ୍କ ଅନ୍ନ ପ୍ରସାଦ ସେବନ କଲେ ଏକ ଉନ୍ମାଦନା ସୃଷ୍ଟି ହୁଏ।



ଜଣେ ଛାତ୍ରୀ ଅତିଥିଙ୍କ ସମ୍ମୁଖରେ ଓଡିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

### ତୁଡିଗଡିଆ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକୋତ୍ସବ

## ସମର୍ପଣଭାବ ନେଇ କାର୍ଯ୍ୟ କରିବାକୁ ପରାମର୍ଶ

ଖଇରା, ୨୯।୩(ଡି.ଏନ.ଏ.)

ଖଇରା ବ୍ଲକ ଅଧୀନ ତୁଡିଗଡିଆସ୍ଥିତ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକୋତ୍ସବ ଗୁରୁବାର ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଖଗେଶ୍ୱର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗକୁ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ହେବାକୁ ତାଲିମ ନେଉଥିବା ପିଲାମାନେ ଅର୍ପଣ, ତର୍ପଣ ଓ ସମର୍ପଣଭାବ ନେଇ କାର୍ଯ୍ୟ କରିବାକୁ ଛୋଟ ଛୋଟ ଘଟଣାବଳୀ ମାଧ୍ୟମରେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଖଇରା କଲେଜର ଇଂଲିଶ ଅଧ୍ୟାପକ ବନମାଳୀ ବାରିକ, ସମ୍ମାନନୀୟ ବକ୍ତା ଭାବେ ପୂର୍ଣ୍ଣଚନ୍ଦ୍ର ନାୟକ, ସମ୍ମାନନୀୟ ଅତିଥି ଭାବେ ଯଦୁନାଥ ଶିଅଳ ଓ ରାଧାକାନ୍ତ ପଣ୍ଡା ଯୋଗଦେଇ ସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଶିକ୍ଷୟିତ୍ରୀଶିକ୍ଷକମାନେ ଛୋଟ ଛୋଟ ଶିଶୁମାନଙ୍କୁ ଜୀବନ ଗଢିବା କଥା ଭୁଲିବା ଉଚିତ ନୁହେଁ ବୋଲି କହିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ପାତ୍ର ବିବରଣୀ ପାଠ ଓ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପ୍ରାରମ୍ଭରେ ପୁଲୱାମା ଶହୀଦଙ୍କ ଅମର ଆତ୍ମା ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ପିଲାମାନଙ୍କ ଦ୍ୱାରା ନାଟକ 'ପାପ ସହରରେ ପୁଣ୍ୟ ଦେଉଳ' ମଞ୍ଚସ୍ଥ କରାଯାଇଥିଲା। ଶିକ୍ଷକ ଗଗନ ଚନ୍ଦ୍ର ଧଳ, ପୁଣ୍ୟେନ୍ଦୁ ଗିରି, ଦାମୋଦର ପାଢୀ ତଥା ବିଦ୍ୟାଳୟର ସମସ୍ତ କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ■ ଅଭିରାମ ପରମହଂସ ଦେବଙ୍କ ବାର୍ଷିକ ଉତ୍ସବ

## ଜୀବନରେ ସାର୍ଥକତା ଆଣେ ସତ୍‌ସଙ୍ଗ

ରୂପ୍‌ସା, ୨୯।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପ୍‌ସା ଆଞ୍ଚଳିକ ଭକ୍ତଗୋଷ୍ଠୀ ଆନୁକୂଲ୍ୟରେ ୨ଦିନ ବ୍ୟାପୀ ଜଗଦ୍‌ଗୁରୁ ଅଭିରାମ ପରମହଂସ ଦେବଙ୍କର ୧୯ତମ ବାର୍ଷିକ ଉତ୍ସବ ଓ ଭକ୍ତମିଳନ ପର୍ବ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଉଦ୍‌ଯାପନୀ ଉତ୍ସବରେ ପ୍ରବଚନ ସଭା ହୋଇଥିଲା। ଶାନ୍ତିଧାମ, କରମଳାର ସାଧୁ ବୁଦ୍ଧଦେବ ଦାସ, ତ୍ରିଲୋଚନ ଦାସ, ବନବିହାରୀ ଦାସ, ପରମାନନ୍ଦ ଦାସ ଓ ରାଧାରମଣ ଦାସ ପ୍ରମୁଖ ଯୋଗଦେଇ ସାଧୁସନ୍ଥଙ୍କ କୃପା ଓ ସତ୍‌ସଙ୍ଗ ହିଁ ସଭିଙ୍କ ଜୀବନରେ ସାର୍ଥକତା ଆଣିଥାଏ ବୋଲି ବକ୍ତବ୍ୟରେ କହିଥିଲେ। ବୁଧବାର ଭକ୍ତମାନେ ଏକ ବିଶାଳ ଶୋଭାଯାତ୍ରାରେ ଘଟ ଉତ୍ତୋଳନ କରି ବଜାର ପରିକ୍ରମା କରିଥିଲେ। ଷୋଡ଼ଶ ଉପଚାର ପୂଜା, ପାଲା ପରିବେଷଣ, ଲୀଳା ନାଟକ, ଭଜନ ସମାରୋହ ଓ ବିଶ୍ୱଶାନ୍ତି ନାମଯଜ୍ଞ ଦେଖିବାକୁ ପ୍ରବଳ ଭିଡ଼ ଜମିଥିଲା। ଉଭୟ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରୁ ଶତାଧିକ ମହିଳା, ପୁରୁଷ ଭକ୍ତ ଯୋଗଦେଇ ସାଧୁଙ୍କ ମୁଖରୁ ହରିକଥା ଶ୍ରବଣ କରିଥିଲେ। ଭକ୍ତଗୋଷ୍ଠୀ ତରଫରୁ ନିରଞ୍ଜନ ବାରିକ, ରବୀନ୍ଦ୍ର ସେଠୀ, ବାବାଜୀ ମହାପାତ୍ର, ରବୀନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



ପ୍ରବଚନ ସଭାରେ ଯୋଗଦେଇଥିବା ଭକ୍ତମାନେ।

### ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ବାଲେଶ୍ୱର ଅଫିସ, ୨୯।୩

ବାଲେଶ୍ୱର ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟରେ ଅଧ୍ୟାପକ ସାଧାରଣ ଗୃହ ପରିସରରେ ଶୁକ୍ରବାର ଅପରାହ୍ଣରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦାୟ ନେଉଥିବା ୪ର୍ଥ ଶ୍ରେଣୀ କର୍ମଚାରୀ କାର୍ତ୍ତିକ ଚନ୍ଦ୍ର ପରିଡ଼ା ଓ ମନୋରଞ୍ଜନ ଜେନାଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ଓ ମାନପତ୍ର ଦେଇ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ମିନତୀ ସେଠୀ ସମ୍ବର୍ଦ୍ଧିତ କରି ସେମାନଙ୍କର ବାକିତକ ଜୀବନ ସୁଖମୟ, ନିରାମୟ ଓ ଆନନ୍ଦମୟ ହେଉ ବୋଲି ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ରହି ବିଦାୟୀ କର୍ମଚାରୀଙ୍କ କର୍ତ୍ତବ୍ୟ ପରାୟଣତା ଉପରେ ଆଲୋଚନା କରିଥିଲେ। ଶେଷରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ସନ୍ତୋଷ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ରେମୁଣାରେ ବିଜେଡିର ପ୍ରାର୍ଥୀ ପରିଚୟ କାର୍ଯ୍ୟକ୍ରମ





କାର୍ଯ୍ୟକ୍ରମରେ ଏମ୍‌ପି ପ୍ରାର୍ଥୀ ରବୀନ୍ଦ୍ର ଜେନା ଓ ରେମୁଣା ବିଧାୟକ ପ୍ରାର୍ଥୀ ସୁଧାଂଶୁ ପରିଡା।

ରେମୁଣା, ୨୯।୩(ଡି.ଏନ.ଏ.)

ବିଜେଡି ପକ୍ଷରୁ ରେମୁଣା ବିଧାନସଭା ପ୍ରାର୍ଥୀ ହୋଇଥିବା ସୁଧାଂଶୁ ଶେଖର ପରିଡ଼ା ଏବଂ ଏମ୍‌ପି ପ୍ରାର୍ଥୀ ରବୀନ୍ଦ୍ର କୁମାର ଜେନାଙ୍କ ପ୍ରାର୍ଥୀ ପରିଚୟ କାର୍ଯ୍ୟକ୍ରମ ରେମୁଣା ଗୋଲେଇସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଶୁକ୍ରବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେଠାରେ ଶତାଧିକ ମହିଳା କର୍ମୀଙ୍କ ସହିତ ବହୁ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ରହି ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ସ୍ୱାଗତ କରିଥିଲେ। ପରେ ରେମୁଣା ବ୍ଲକ ସଭାପତି ଗୋପୀନାଥ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏମ୍‌ପି ପ୍ରାର୍ଥୀ ଜେନା ଓ ବିଧାୟକ ପ୍ରାର୍ଥୀ ପରିଡା ସମସ୍ତ ନେତୃବୃନ୍ଦ ଓ କର୍ମୀଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ପୁଣିଥରେ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ରେମୁଣାରେ ଶଙ୍ଖକୁ ଜିତାଇବାକୁ ଆହ୍ୱାନ ଦେଇଥିଲେ। ଏଥିରେ ଏମ୍‌ପିଙ୍କ ପ୍ରତିନିଧି ପ୍ରଭାତ କୁମାର ବିଶ୍ୱାଳ, ବରିଷ୍ଠ ନେତା ଦିଲୀପ କୁମାର ନାୟକ, ମନୋରଞ୍ଜନ ରାଉତ, କିଶୋର ଚନ୍ଦ୍ର ମିଶ୍ର, ଉର୍ମିଳତା ଦାସ, ଗୌରୀମଣି ବେହେରାଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଓ ନେତା ଯୋଗଦେଇଥିଲେ । ତେବେ ପୂର୍ବତନ ବିଧାୟକ ସୁଦର୍ଶନ ଯେନା ବୈଠକରେ ଉପସ୍ଥିତ ନ ଥିବାରୁ ଏକ ମୃଦୁ ଗୁଞ୍ଜରଣ ସୃଷ୍ଟି ହୋଇଥିଲା।

# ଜୋର ଧରିଛି ଦଳବଦଳ ରାଜନୀତି

ବାଲେଶ୍ୱର ଅଫିସ,୨୯।୩

ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତର ଗୁଣ୍ଡୁରିପଦା ଓ ବିଞ୍ଝଠାରେ ସଦର ଭାଜପା ବିଧାୟକ ପ୍ରାର୍ଥୀ ତଥା ଜିଲାସଭାପତି ମଦନ ମୋହନ ଦତ୍ତଙ୍କ ନେତୃତ୍ୱରେ ବିଜେଡି ଏବଂ କଂଗ୍ରେସ ଦଳର ଶତାଧିକ କର୍ମୀ ଶୁକ୍ରବାର ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି। ବିଜେଡିର ଅତ୍ୟାଚାରରେ ଅତିଷ୍ଠ ହୋଇ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କର ଜନହିତକାରୀ ଯୋଜନା ଓ ଆର୍ଦଶକୁ ପାଥେୟ କରି ତଥା ସ୍ଥାନୀୟ ନେତା ଜିଲାସଭାପତି ଦତ୍ତଙ୍କ କାର୍ଯ୍ୟଦକ୍ଷତା ଓ ନେତୃତ୍ୱ ଉପରେ ଭରସା ରଖି ଶ୍ରୀରାମପୁର ପଞ୍ଚାୟତର ଗୁଣ୍ଡୁରିପଦାଠାରେ ଜିତେନ୍ଦ୍ର ମହାପାତ୍ର, କାର୍ତ୍ତିକ ଦାସ, ଦୀନବନ୍ଧୁ ମହାପାତ୍ର, ମନ୍ମଥ ପ୍ରଧାନ, ଶରତ ଗୋଛାୟତ, ମାୟାଧର ପରିଡା, ସୁଧାଂଶୁ ବାରିକ, ସୋମନାଥ ପରିଡା, ମହେଶ୍ୱର ସେଠୀ, ନିତ୍ୟାନନ୍ଦ ମହାପାତ୍ର, ରତିକାନ୍ତ ଦାସଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଭାଜପାରେ ଯୋଗଦାନ କରିଛନ୍ତି। ସେହିପରି ବିଞ୍ଝଠାରେ ହରପ୍ରସାଦ ମହାପାତ୍ର, ସନ୍ନ୍ୟାସୀ ମହାନ୍ତି, ସୁରେନ୍ଦ୍ର ସେଠ, ବିସିକେଶନ ପ୍ରଧାନ, ଦୟାନିଧି ଜେନା, ସନ୍ନ୍ୟାସୀ ମହାନ୍ତି, ଅତୁଲ ରାଉତଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଯୋଗଦାନ କରିଛନ୍ତି। ସମସ୍ତଙ୍କ ଯୋଗଦାନ ଦଳକୁ ଆଗାମୀ ନିର୍ବାଚନରେ ଶକ୍ତିଶାଳୀ କରିବ ବୋଲି ସଦର ଭାଜପା ବିଧାୟକ ପ୍ରାର୍ଥୀ ଦତ୍ତ ମତ ରଖିଛନ୍ତି । ଜିଲା ଉପସଭାପତି ତଥା ରୂପ୍‌ସା ମଣ୍ଡଳ ପ୍ରଭାରୀ ଗଙ୍ଗାଧର ରାଉତ, ଅନ୍ତର୍ଯ୍ୟାମୀ ବେହେରା, ପଞ୍ଚାୟତ ସଭାପତି ଉମାକାନ୍ତ ପ୍ରଧାନ, ଅବନୀ ଗୋଛାୟତଙ୍କ ସମେତ ସମସ୍ତ ବୁଥ୍ ସଭାପତି ଓ ସକ୍ରିୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଭାଜପା ପ୍ରାର୍ଥୀଙ୍କୁ ଜିତାଇବାକୁ 'ଉଜ୍ଜ୍ୱଳା-ଦିଦି'ଙ୍କ ଶପଥ

ରେମୁଣା, ୨୯।୩(ଡି.ଏନ.ଏ.)

ଭାଜପା ପ୍ରାର୍ଥୀଙ୍କୁ ଜିତାଇବାକୁ 'ରେମୁଣା ଉଜ୍ଜ୍ୱଳା-ଦିଦି ସଂଘ' ପକ୍ଷରୁ ଶପଥ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପୂର୍ବାହ୍ଣରେ ସ୍ଥାନୀୟ ଭାଜପା କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରେମୁଣା ନିର୍ବାଚନମଣ୍ଡଳୀର ୪୭ଟି ପଞ୍ଚାୟତରେ ନିଯୁକ୍ତି ପାଇଥିବା ସମସ୍ତ ଉଜ୍ଜ୍ୱଳା ଦିଦି ଉପସ୍ଥିତ ଥିଲେ। ଭାଜପା ରାଜ୍ୟ ସମ୍ପାଦିକା ଶୋଭନା ମହାନ୍ତି ସଭାପତିତ୍ୱ କରି ମହିଳା ବିରୋଧୀ ନବୀନ ସରକାରଙ୍କୁ ବଙ୍ଗୋପସାଗରକୁ ନିକ୍ଷେପ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଭାଜପା କୃଷକମୋର୍ଚ୍ଚାର ରାଜ୍ୟ ଉପସଭାପତି ବିପିନ ବିହାରୀ ଦାସ ଯୋଗଦେଇ ନରେନ୍ଦ୍ର ମୋଦିଙ୍କର ବିଭିନ୍ନ ଜନହିତକର ଯୋଜନା ବିଷୟରେ ଅବଗତ କରାଇଥିଲେ। ପିଠା ଯୋଜନା, କାଳିଆ ଯୋଜନା, ବିଜୁ ଯୁବବାହିନୀଙ୍କୁ ସରକାରୀ ଅର୍ଥ ଅନୁଦାନ ଦେଇ ବିଜେଡି ନିଜର ପ୍ରଚାର କରୁଛି ବୋଲି ସେ କହିଥିଲେ। ବାଘାଯତୀନ ମଣ୍ଡଳର ସଭାପତି କୃଷ୍ଣଚନ୍ଦ୍ର ସାହା ମଞ୍ଚ ପରିଚାଳନା କରିଥିଲେ। ରେମୁଣା ବ୍ଲକର ସଂଯୋଜକ ସୁଶାନ୍ତ ଦାସ ଉଜ୍ଜ୍ୱଳା ଦିଦିଙ୍କ ଲକ୍ଷ୍ୟ, ଆବଶ୍ୟକ ଓ ନିଯୁକ୍ତି ବିଷୟରେ ଅବଗତ କରିଥିବା ବେଳେ ସଦର ବ୍ଲକ ସଂଯୋଜକ ମାଧବ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ଉଜ୍ଜ୍ୱଳା ଦିଦି।

### ■ ବସ୍ତାରୁ ବିଜନ ନାୟକ କଂଗ୍ରେସ ବିଧାୟକ ପ୍ରାର୍ଥୀ

# ବିଜେଡି, ଭାଜପା ପ୍ରାର୍ଥୀ ଘୋଷଣା ଉପରେ ନଜର

ବସ୍ତା, ୨୯।୩(ସ୍ୱ.ପ୍ର.)

ସବୁ ପ୍ରତୀକ୍ଷାର ଅବସାନ ଘଟାଇ ପ୍ରଥମେ କଂଗ୍ରେସ ବସ୍ତା ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ବସ୍ତା ନିର୍ବାଚନମଣ୍ଡଳୀ ପାଇଁ ୩ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ପକ୍ଷରୁ ଟିକେଟ ବଣ୍ଟନକୁ ନେଇ ଛକାପଞ୍ଝା ଚାଲୁ ରହିଛି। ସର୍ବପ୍ରଥମେ କଂଗ୍ରେସ ବସ୍ତା ଆସନ ପାଇଁ ପ୍ରାର୍ଥୀ ଘୋଷଣା ପରେ କଂଗ୍ରେସ ଶିବିରରେ ଉତ୍ସାହ ବଢ଼ିଛି। କଂଗ୍ରେସର ୨ଜଣ ଆଶାୟୀ ବିଜନ ନାୟକ ଓ ସଞ୍ଜିବ ପାଢ଼ୀଙ୍କ ନାମ ଚର୍ଚ୍ଚା ହେଉଥିବା ବେଳେ ବିଜନ ନାୟକ ଉପରେ ଭରସା କରି ବସ୍ତା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ କରିଛି।

ବିଜନ ନାୟକ ଜଣେ ଉତ୍ତମ ସଙ୍ଗଠକ ହୋଇଥିବା ବେଳେ ଗତ ପଞ୍ଚାୟତ ନିର୍ବାଚନରେ ସେ ବାଲିଆପାଳ ବ୍ଲକ ଅଧ୍ୟକ୍ଷ ପଦ ହାତେଇଥିଲେ। ବସ୍ତା ନିର୍ବାଚନମଣ୍ଡଳୀର ସ୍ଥିତି ଅନୁସାରେ ଏଠାରେ ବିଜେଡି ୩୦ବର୍ଷ ଲଗାତାର ଭାବେ ବିଧାନସଭା ଆସନରେ ବିଜୟ ଲାଭ କରି ଆସୁଛି। କଂଗ୍ରେସ ସବୁ ନିର୍ବାଚନରେ ତାର ଅତି ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାବେ ସଂଘର୍ଷ କରି ଆସୁଥିଲା। ଯୁବ ନେତୃତ୍ୱକୁ ନେଇ ବସ୍ତା କଂଗ୍ରେସ ଶିବିରରେ ଉତ୍ସାହ ଦେଖାଦେଇଛି। ନିର୍ବାଚନ ପୂର୍ବରୁ ନିଜର ଶକ୍ତି ପ୍ରଦର୍ଶନ ପାଇଁ କଂଗ୍ରେସର ଏବେ ଟିକେଟ ପାଇଥିବା ବିଜନ ନାୟକ ବସ୍ତା ନିର୍ବାଚନମଣ୍ଡଳୀର ଦରଡ଼ା ଓ ବାଲିଆପାଳରେ ୨ଟି ଜନସମ୍ପର୍କ ପ୍ରାକ୍ ନିର୍ବାଚନୀ ସଭା କରିଥିଲେ। ଏହି କାର୍ଯ୍ୟକ୍ରମରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ନେତାମାନେ ଯୋଗ ଦେଇଥିଲେ। ସଭାରେ ବିଜନ ପ୍ରତି ଲୋକଙ୍କର ସମର୍ଥନ ଦେଖିବାକୁ ମିଳିଥିବା ବେଳେ ସେ ଟିକେଟ ପାଇଁ ହକ୍‌ଦାର ବୋଲି ସାବ୍ୟସ୍ତ କରିଥିଲେ। ଗତ କିଛିଦିନ ପୂର୍ବରୁ କଂଗ୍ରେସର ବାଲେଶ୍ୱର ଲୋକସଭା ଆସନ ପାଇଁ ପ୍ରାର୍ଥୀ ହୋଇଥିବା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପୁଅ ନବଜ୍ୟୋତି ପଟ୍ଟନାୟକ ବିଜନ ନାୟକଙ୍କ ଉପସ୍ଥିତିରେ ବସ୍ତା ବ୍ଲକର ୧୭ଟି ପଞ୍ଚାୟତର ବରିଷ୍ଠ କାର୍ଯ୍ୟକର୍ତ୍ତା ସଙ୍ଗଠକ ଓ ନେତୃବୃନ୍ଦଙ୍କୁ ନେଇ ବସ୍ତା ବଜାରସ୍ଥିତ କଲ୍ୟାଣ ମଣ୍ଡପରେ ଏକ ବୈଠକ କରି ନିର୍ବାଚନର ରଣନୀତି ଉପରେ ଆଲୋଚନା କରିଥିଲେ। କଂଗ୍ରେସ ଟିକେଟ ଆଶାୟୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିବା ବେଳେ ସମସ୍ତେ ଏକ ମଞ୍ଚରେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ୨୦୧୪ ନିର୍ବାଚନରେ ବାଲିଆପାଳର ଜୟନାରାୟଣ ମହାନ୍ତିଙ୍କୁ ଦଳ ପ୍ରାର୍ଥୀ କରିଥିବା ବେଳେ ବିଜେଡି କଂଗ୍ରେସକୁ ୬୪୩୩ ଖଣ୍ଡ ଭୋଟ୍ ବ୍ୟବଧାନରେ ପରାଜିତ କରିଥିଲା। ମାତ୍ର ଚଳିତ ନିର୍ବାଚନରେ ଦଳ ଯୁବନେତୃତ୍ୱ ଉପରେ ଭରସା କରିଛି। ଦଳ ଯାହାକୁ ଭରସା କରି ପ୍ରାର୍ଥୀ କରାଇବ କର୍ମୀ ଓ ସଙ୍ଗଠକ ତାଙ୍କୁ ଦୃଢ଼ ସମର୍ଥନ ଦେବା ସହିତ ଏଠି ୩୦ବର୍ଷର ବିଜେଡି ଗଡକୁ ଭାଙ୍ଗିବା ପାଇଁ ଶକ୍ତି ଖଟାଇବେ ବୋଲି ଚର୍ଚ୍ଚା ଜୋର ଧରିଛି। ତେବେ କଂଗ୍ରେସ ପ୍ରାର୍ଥୀ ଘୋଷଣା ପରେ ଭାଜପା ଓ ବିଜେଡିର ପ୍ରାର୍ଥୀ ଘୋଷଣାକୁ ନେଇ ଭୋଟରଙ୍କର ଉତ୍କଣ୍ଠା ବଢୁଥିବା ଦେଖିବାକୁ ମିଳିଛି।



କଂଗ୍ରେସ ବୈଠକରେ ବାଲେଶ୍ୱର ଲୋକସଭା ପ୍ରାର୍ଥୀ ଓ ବସ୍ତା ବିଧାୟକ ପ୍ରାର୍ଥୀ।

## ସଂକ୍ଷେପରେ

### ଜେଲ ଗଲେ କୁଖ୍ୟାତ ଅପରାଧୀ ବାବୁଆ

ତିହିଡ଼ି, ୨୯।୩ (ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ବିଲଣା ପଞ୍ଚାୟତ ନୂଆପାଟଣା ଗ୍ରାମର ପ୍ରଶାନ୍ତ ପରିଡ଼ା ଓରଫ ବାବୁଆ ନାମକ କୁଖ୍ୟାତ ଅପରାଧୀଙ୍କୁ ଶୁକ୍ରବାର କୋର୍ଟ ଚାଲାଣ ପରେ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ବୁଧବାର ବାବୁଆଙ୍କୁ ନୂଆଶାସନ ଛକରୁ ଗିରଫ କରି ଥାନାକୁ ଆଣି ପଚରାଉଚୁରା ଚଳାଇଥିଲା। ପୋଲିସ ତାଙ୍କଠାରୁ ବନ୍ଧୁକ, ଖଣ୍ଡା ଓ ଅନ୍ୟାନ୍ୟ ମାରଣାସ୍ତ୍ର ସହିତ ବିପୁଳ ପରିମାଣର ଚୋରାମଦ ଜବତ କରିଥିଲା। ଏନେଇ ତିହିଡ଼ି ଥାନାରେ ଏକ ମାମଲା (ନଂ.୧୪୦/୧୯) ରୁଜୁ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ବାବୁଆ ପୂର୍ବରୁ ଏକ ହତ୍ୟା ଘଟଣାରେ ଗିରଫ ହୋଇ ଜାମିନରେ ଆସିଥିଲେ। ପରେ ସେ ବିଲଣା ନୂଆଶାସନ ଛକରେ ଏକ କ୍ୟାବିନରେ ବନ୍ଧୁକ ଓ ଖଣ୍ଡା ସମେତ ବିଭିନ୍ନ ମାରଣାସ୍ତ୍ର ରଖି ଲୋକଙ୍କୁ ଭୟଭୀତ କରାଇଥିଲେ। ଏଥିସହିତ ସେ ବିଭିନ୍ନ ଅପରାଧରେ ସମ୍ପୃକ୍ତ ରହୁଥିବା ସହ ଚୋରାମଦ କାରବାର କରୁଥିଲେ। ଏ ସମ୍ପର୍କରେ ଖବର ପାଇ ପୋଲିସ ଉକ୍ତ କ୍ୟାବିନ ଉପରେ ଚଢ଼ାଉ କରିବା ସମୟରେ ସେ ବନ୍ଧୁକ ଦେଖାଇଥିଲେ। ପୋଲିସ କୌଶଳକ୍ରମେ ବାବୁଆଙ୍କୁ କାବୁ କରି ଗିରଫ କରିଥିଲା।

### ଭଦ୍ରକ ବାର୍ ଆସୋସିଏଶନ ନିର୍ବାଚନ ଆଜି

ଭଦ୍ରକ ଅଫିସ, ୨୯।୩: ଶନିବାର ଭଦ୍ରକ ବାର୍ ଆସୋସିଏଶନର ନିର୍ବାଚନ। ସଭାପତି ଆସନ ପାଇଁ ୨ ଜଣ ଆଶାୟୀ ଥିବା ଜଣାପଡ଼ିଛି। ସେମାନେ ହେଲେ ଦିଲୀପ କୁମାର ମହାପାତ୍ର ଓ ହରେନ୍ଦ୍ର କୁମାର ଦାସ। ସେହିଭଳି ଉପସଭାପତି ପାଇଁ ଅରୁଣ କୁମାର ମିଶ୍ର, ଅଶୋକ କୁମାର ନାୟକ, ଶରତ ଚନ୍ଦ୍ର ମହାକୁଡ, ସୁବୋଧ କୁମାର ସାହୁ, ସାଧାରଣ ସମ୍ପାଦକ ପାଇଁ ୬, ଯୁଗ୍ମ ସମ୍ପାଦକ ଲାଗି ୩ ଏବଂ କୋଷାଧ୍ୟକ୍ଷ ପାଇଁ ୩ ଜଣ ଆଶାୟୀ ଥିବା ଜଣାପଡ଼ିଛି। ଶନିବାର ସକାଳ ୭ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ ଅଧିକାରୀ ଭାବେ ସନ୍ତୋଷ କୁମାର ନାୟକ ଓ ସହଯୋଗୀ ନିର୍ବାଚନ ଅଧିକାରୀ ଭାବେ ହରିହର ଧଳ, ଦୀପକ କୁମାର ସାହୁ, ଗୋଲକ ଦାସ, ଅଞ୍ଜୁବାଳା ରାଉତ, ସରୋଜ ଦାସ ଦାୟିତ୍ୱ ତୁଲାଇବେ ବୋଲି ସୂଚନା ଦିଆଯାଇଛି। ଅପରାହ୍ନ ୩ ଟାରୁ ଭୋଟ ଗଣନା କରାଯାଇ ୩୧ ତାରିଖରେ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ପ୍ରାୟ ୬୫୦ ଆଇନଜୀବୀ ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବେ ବୋଲି ସୂଚନା ମିଳିଛି।

### ୨ରୁ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ
### ସବୁ ଦଳରେ ଛିଣ୍ଡୁନି ଟିକେଟ ଅଡୁଆ

ବାରିପଦା ଅଫିସ,୨୯।୩: ଏପ୍ରିଲ ୨୯ ତାରିଖ ୪ର୍ଥ ପର୍ଯ୍ୟାୟରେ ମୟୂରଭଞ୍ଜ ଲୋକ ସଭା ଓ ୭ ବିଧାନସଭା ଆସନ ଯଶିପୁର, ବାରିପଦା, ସାରସକଣା, ରାଇରଙ୍ଗପୁର, ବାଙ୍ଗିରିପୋଷୀ, ଉଦଳା ଓ ମୋରଡାରେ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ମୁତାବକ ଏପ୍ରିଲ ୨ରୁ ୯ ତାରିଖ ମଧ୍ୟରେ ପ୍ରାର୍ଥୀପତ୍ର ଦାଖଲ କରାଯିବ। ୧୦ରେ ଯାଞ୍ଚ ଓ ୧୨ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଲାଗି ଧାର୍ଯ୍ୟ ହୋଇଛି। ନାମାଙ୍କନ ପତ୍ର ଦାଖଲ ତାରିଖ ପାଖେଇ ଆସୁଥିବାରୁ ସବୁ ଦଳରେ ତତ୍ପରତା ପ୍ରକାଶ ପାଇଛି। ଏହା ମଧ୍ୟରେ ବିଜେଡି ଲୋକ ସଭା ଆସନ ଲାଗି ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଶୁକ୍ରବାର ୪ ବିଧାନସଭା ଆସନ ସକାଶେ ପ୍ରାର୍ଥୀ ଘୋଷଣା କରିଛି। ବାରିପଦ, ମୋରଡା ଓ ରାଇରଙ୍ଗପୁର ବିଧାନସଭା ଆସନ ଝୁଲି ରହିଛି। ଭାଜପା ୭ ବିଧାନ ସଭା ମଧ୍ୟରୁ ୫ ଆସନରେ ପ୍ରାର୍ଥୀଙ୍କ ନାମ ଘୋଷଣ କରିଥିବା ବେଳେ ମୋରଡା ଓ ରାଇରଙ୍ଗପୁର ଆସନ ଝୁଲି ରହିଛି। ଏହା ବାଦ୍ ଲୋକ ସଭା ଆସନ ଲାଗି ଏଯାଏ ଭାଜପା ପ୍ରାର୍ଥୀ ଘୋଷଣା କରି ନାହିଁ। କଂଗ୍ରେସ ଓ ଜେଏମଏମ ମେଣ୍ଟ ବାନ୍ଧିବା ନେଇ ଆଲୋଚନା ଜାରି ରଖିଛନ୍ତି। କଥା ଛିଣ୍ଡି ନ ଥିବା ସତ୍ତ୍ୱେ କଂଗ୍ରେସ ଶୁକ୍ରବାର ଉଦଳା, ବାରିପଦା ଓ ଯଶିପୁର ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ପ୍ରକାଶ କରିଛି। ଅନ୍ୟ ୪ ଆସନ ବାକି ରହିଛି। ଅନ୍ୟପକ୍ଷେ ମୟୂରଭଞ୍ଜ ଲୋକ ସଭା ଆସନରୁ ଜେଏମଏମ ପ୍ରାର୍ଥୀ ଦେବ ବୋଲି ଘୋଷଣା କରିସାରିଛି। ଆଗାମୀ ଦିନେ ଦୁଇଦିନ ମଧ୍ୟରେ ସବୁ ଦଳର ପ୍ରାର୍ଥୀ ଘୋଷଣା ହୋଇଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ହୋଇପାରୁନି ଧାନ ବିକ୍ରି, ଚିନ୍ତାରେ ଚାଷୀ

- ତହସିଲ ଅଫିସ ସମ୍ମୁଖରେ ଧାନବସ୍ତା ରଖି ବିକ୍ଷୋଭ
- ସମବାୟ ସମିତିରେ ପାତରଅନ୍ତର ଅଭିଯୋଗ
- ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନରୁ ଓହରିଲେ

ଭଣ୍ଡାରିପୋଖରୀ, ୨୯।୩ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ନଗୁଁଆ ସେବା ସମବାୟ ସମିତି ଅଧୀନ ବହୁ ଚାଷୀ ଧାନ ବିକ୍ରି ହୋଇପାରୁ ନ ଥିବାରୁ ଚିନ୍ତାରେ ରହିଛନ୍ତି। ଏହାର ପ୍ରତିବାଦରେ ଶୁକ୍ରବାର ଚାଷୀମାନେ ତହସିଲ ଅଫିସ ସମ୍ମୁଖରେ ଧାନବସ୍ତା ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଚାଷୀମାନେ ଗତ ୨ ତାରିଖଠାରୁ ଭଣ୍ଡାରିପୋଖରୀ ତହସିଲ ପରିସର ପଡ଼ିଆରେ ପ୍ରାୟ ୪ରୁ ୫ ହଜାର ବସ୍ତା ଧାନ ବିକ୍ରି ପାଇଁ ଗଦା କରି ରଖିଛନ୍ତି। ନଗୁଁଆ ସେବା ସମବାୟ ସମିତିରେ ପାତରଅନ୍ତର କରାଯାଉଥିବାରୁ ସେମାନେ ଧାନ ବିକ୍ରି କରିପାରୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଜଣେ ଜଣେ ଚାଷୀ ସେମାନଙ୍କ ସମସ୍ତ ଧାନ ବିକ୍ରି କରିସାରିଥିବା ବେଳେ ଅଧାରୁ ଅଧିକ ଚାଷୀ ବସ୍ତାଏ ଧାନ ମଧ୍ୟ ବିକ୍ରି କରିପାରିନାହାନ୍ତି। ଫଳରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବହୁ ଚାଷୀ ତହସିଲ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଧାନବସ୍ତା ରଖି ଆନ୍ଦୋଳନକୁ ଓହ୍ଲାଇଥିଲେ।



ତହସିଲ ଅଫିସ ସମ୍ମୁଖରେ ଚାଷୀମାନେ ଧାରଣା ଦେଇଛନ୍ତି।

ପ୍ରକାଶ ଯେ, ଗତ ୧୮ ତାରିଖରେ କୃଷକ ସଙ୍ଗଠନ ପକ୍ଷରୁ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାନବସ୍ତା ରଖି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲାପାଳ ଚିଠି ସଂଖ୍ୟା ୧୫୦୭/୨୦।୩।୧୯ରେ ଓଡ଼ିଶା ସରକାରଙ୍କ ଏଫ୍ଏସ୍ ଏବଂ ସିଡବ୍ଲ୍ୟୁ ବିଭାଗ କମିଶନଙ୍କୁ ଚିଠି ଲେଖି ଧାନ ବିକ୍ରି ପାଇଁ ଜଣାଇଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ଚାଷୀଙ୍କ ଧାନ ବିକ୍ରି ହୋଇପାରୁ ନାହିଁ। ଏହାର ପ୍ରତିବାଦରେ ଶୁକ୍ରବାର ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦେଇଥିଲେ। ସେମାନଙ୍କ ଧାନ ବିକ୍ରି ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ଚାଷୀମାନେ ନିଷ୍ପତ୍ତି ନେଇଥିଲେ। ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତା ସତ୍ୟରଞ୍ଜନ ନାୟକ, ଆର୍ତ୍ତତ୍ରାଣ ତିୱାରୀଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଆନ୍ଦୋଳନରେ ସାମିଲ ଥିଲେ। ଚାଷୀମାନଙ୍କ ବିକ୍ଷୋଭ ପ୍ରଦର୍ଶନ ଖବର ପାଇ ଉପଜିଲାପାଳ ପୀତାମ୍ବର ସାମଲ ଘଟଣାସ୍ଥଳକୁ ଆସିଥିଲେ ମଧ୍ୟ ଚାଷୀମାନଙ୍କ ସହ ଆଲୋଚନା ନ କରି ଫେରିଯାଇଥିଲେ ବୋଲି କୁହାଯାଇଛି। ପରେ ଅପରାହ୍ନ ପ୍ରାୟ ୨ ଟାରେ ଭଦ୍ରକ ଜିଲା ଯୋଗାଣ ଅଧିକାରୀ ଅଶୋକ ମାଝି ସମବାୟ ସହକାରୀ ଉପନିବନ୍ଧକ ନିରଞ୍ଜନ ମାଝି, ତହସିଲଦାର ମୃତ୍ୟୁଞ୍ଜୟ ଭୂୟାଁ ଓ ଥାନାଧିକାରୀ ସୁକାନ୍ତି କେରେଇଙ୍କ ଉପସ୍ଥିତିରେ ଆସନ୍ତା ସୋମବାର ସୁଦ୍ଧା ନଗୁଁଆ ସମିତି ଓ ତହସିଲରେ ପଡ଼ିରହିଥିବା ଧାନ ସବୁ ଉଠାଇ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ।

## ଜଳିଗଲା ୯ ବଖରା: ୫ ଗାଈ ଜୀବନ୍ତ ଦଗ୍ଧ


ପୋଡ଼ିଯାଇଥିବା ଘର।

ଭଦ୍ରକ ଅଫିସ, ୨୯।୩

ଭଦ୍ରକ ଜିଲା ସଦର ବ୍ଲକ ବଣିଆ ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୪ ପରିବାରର ୯ ବଖରା ଜଳିଯାଇଥିବା ବେଳେ ୫ ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଭଦ୍ରକ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଗ୍ରାମର ଯଦୁନାଥ ଓଝା, ରମେଶ ଓଝା, ରମାକାନ୍ତ ଓଝା ଓ ରବୀନ୍ଦ୍ର ମହାରଣାଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ଖବର ପାଇ ଭଦ୍ରକ ତହସିଲଦାର ଓ ଆର୍‌ଆଇ ପହଞ୍ଚି କ୍ଷତିଗ୍ରସ୍ତ ପରିବାରଙ୍କୁ ପଲିଥିନ ବଣ୍ଟନ କରି ଆବଶ୍ୟକ ସହାୟତା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ରାମଚନ୍ଦ୍ର ହେଲେ ଯୁବ କଂଗ୍ରେସ ସୋସିଆଲ ମିଡିଆ ପ୍ରଭାରୀ

ତିହିଡ଼ି, ୨୯।୩ (ଡି.ଏନ.ଏ.)

ରାଜ୍ୟ ଯୁବ କଂଗ୍ରେସ ପକ୍ଷରୁ ଭଦ୍ରକ ଲୋକସଭା ଯୁବ କଂଗ୍ରେସର ସୋସିଆଲ ମିଡିଆ ପ୍ରଭାରୀ ଭାବେ ରାମଚନ୍ଦ୍ର କରଙ୍କୁ ନିଯୁକ୍ତି ଦିଆଯାଇଛି। ରାମଚନ୍ଦ୍ରଙ୍କ ଘର ତିହିଡ଼ି ବ୍ଲକ ଫତେପୁର ପଞ୍ଚାୟତ ବାରିକିବିନ୍ଧା ଗାଁରେ। ଓଡ଼ିଶା ପ୍ରଭାରୀ ଦୀପକ ଖତ୍ରୀଙ୍କ ଅନୁମୋଦନ କ୍ରମେ ତାଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ଏହି ଅବସରରେ ରାମଚନ୍ଦ୍ର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଜାତୀୟ ଯୁବ କଂଗ୍ରେସ ସଭାପତି କେଶବ ଚନ୍ଦ୍ର ଯାଦବ, ଜାତୀୟ ଯୁବ କଂଗ୍ରେସ ସୋସିଆଲ ମିଡିଆ ପ୍ରଭାରୀ ବୈଭବ ବାଲିଆ, ରାଜ୍ୟ ପ୍ରଭାରୀ ଦୀପକ ଖତ୍ରୀ, ରାଜ୍ୟ ଯୁବ କଂଗ୍ରେସ ସଭାପତି ଲୋକନାଥ ମହାରଥୀ, ଅଭିଳାସ ପତି ଓ ଅନନ୍ତ ସେଠିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ନିଜ କାର୍ଯ୍ୟ ଠିକ୍ ରୂପେ ତୁଲାଇବେ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ଭଣ୍ଡାରିପୋଖରୀ ଦମକଳ କେନ୍ଦ୍ରରେ ଲାଗିଲା ୱିଲ୍‌ଫୋନ

ଭଣ୍ଡାରିପୋଖରୀ, ୨୯।୩ (ଡି.ଏନ.ଏ.)

**ଧରିତ୍ରୀ ପ୍ରଭାବ**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକରେ ଥିବା 'ଦମକଳ କେନ୍ଦ୍ର ଫୋନ ଅଚଳ, ଅଗ୍ନିକାଣ୍ଡ ବେଳେ ଲୋକେ ହଇରାଣ' ଶୀର୍ଷକ ଖବର ଗୁରୁବାର ଧରିତ୍ରୀରେ ପ୍ରକାଶ ପାଇବା ପରେ ଭାରତ ସଞ୍ଚାର ନିଗମର ଚେତା ପଶିଛି। ଭାରତ ସଞ୍ଚାର ନିଗମ, ଭଦ୍ରକ ପକ୍ଷରୁ ତତ୍ପରତା ପ୍ରକାଶ ପାଇ ଭଣ୍ଡାରିପୋଖରୀ ଦମକଳ କେନ୍ଦ୍ରକୁ ଏକ କର୍ଡଲେସ୍ ୱିଲଫୋନ ଯାହାର ନମ୍ବର ୮୭୬୩୩୯୪୪୬୦ ଗୁରୁବାର ଯୋଗାଇ ଦିଆଯାଇଛି। ଏହାଛଡ଼ା ପୂର୍ବରୁ ଥିବା ଦମକଳ କେନ୍ଦ୍ରର ଫୋନକୁ ମଧ୍ୟ କଲ୍ କଲେ ନୂଆ ନମ୍ବର ସହିତ ସଂଯୋଗ ହୋଇଥିବାରୁ ଯୋଗାଯୋଗ ହୋଇପାରିବ ବୋଲି ଦମକଳ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖନୀୟ ଯେ, ବର୍ତ୍ତମାନ ଗ୍ରୀଷ୍ମପ୍ରବାହ ଚାଲିଛି। ଏବେଠାରୁ ଛୋଟବଡ଼ ଅଗ୍ନିକାଣ୍ଡ ଘଟୁଥିବା ବେଳେ ଭଣ୍ଡାରିପୋଖରୀ ଦମକଳ କେନ୍ଦ୍ର ଲ୍ୟାଣ୍ଡଲାଇନ ଟେଲିଫୋନ ଅଚଳ ଯୋଗୁ ଜରୁରୀ ସମୟରେ ଲୋକେ ହଇରାଣ ହେଉଥିଲେ। ଅଗ୍ନିକାଣ୍ଡ ଘଟିଲେ ଲୋକେ ଏହି ଦମକଳ କେନ୍ଦ୍ରକୁ ଜଣାଇପାରୁ ନ ଥିଲେ। ସେମାନେ ଭଦ୍ରକ ଦମକଳ କେନ୍ଦ୍ର କିମ୍ବା ଭଣ୍ଡାରିପୋଖରୀ ଥାନାକୁ ଜଣାଇବା ପରେ ଭଣ୍ଡାରିପୋଖରୀ ଦମକଳ କେନ୍ଦ୍ର ଖବର ପାଇପାରୁଥିଲା। ଏନେଇ ସବିଶେଷ ଖବର ପ୍ରକାଶ ପାଇବା ପରେ ଏକ ନୂତନ ଟେଲିଫୋନ ସଂଯୋଗ ଦିଆଯାଇଛି। ଏ ସମ୍ପର୍କରେ ଭଣ୍ଡାରିପୋଖରୀ ଦମକଳ କେନ୍ଦ୍ର ଅଧିକାରୀ ରମାକାନ୍ତ ମଲିକଙ୍କୁ ଯୋଗାଯୋଗ କରିବାରୁ ସେ ଧରିତ୍ରୀକୁ ଧନ୍ୟବାଦ ଜଣାଇଛନ୍ତି।

## ବିଶ୍ୱଶାନ୍ତି ମହାଯଜ୍ଞ

ବନ୍ତ, ୨୯।୩ (ସ୍ୱ.ପ୍ର.)

ବନ୍ତ ବ୍ଲକ ଆଗରପଡା ଥାନା ଅନ୍ତର୍ଗତ ଆଡ଼ିଆ ପଞ୍ଚାୟତର ଗିରିଧାରୀନଗର ଏବଂ ଓଲଡାଙ୍ଗ ଗ୍ରାମର ମିଳିତ ଉଦ୍ୟମରେ ୩ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଉଦ୍ୟାପିତ ହୋଇଯାଇଛି। ଗତ ବୁଧବାର ସନ୍ଧ୍ୟା ୬ଟାରେ ସ୍ଥାନୀୟ ମହାଦେବ ପୋଖରୀରୁ ୮ ଘଟୋତ୍ତୋଳନ କରାଯାଇ ଯଜ୍ଞାଧିବାସ ଆରମ୍ଭ ହୋଇଥିଲା। ପଣ୍ଡିତ ଗୋପୀନାଥ ତ୍ରିପାଠୀ, ନଟବର ପଣ୍ଡା, ଗୌରାଙ୍ଗ ତ୍ରିପାଠୀଙ୍କ ଦ୍ୱାରା ପୂଜାପାଠ ଓ ହୋମ କାର୍ଯ୍ୟ ଚାଲିଥିଲା। ଶୁକ୍ରବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ଏହି ମହାଯଜ୍ଞ ଦୁଇ ଗ୍ରାମ ମଧ୍ୟରେ ଭାଇଚାରାର ସମ୍ପର୍କ ବୃଦ୍ଧି କରିଥାଏ ବୋଲି ଗ୍ରାମର ବୟୋଜ୍ୟେଷ୍ଠ କାଳନ୍ଦୀ ଚରଣ ଖୁଣ୍ଟିଆ, ଗଣେଶ ସାମଲ ଓ ବିଦ୍ୟାଧର ଜେନା ପ୍ରମୁଖ କହିଛନ୍ତି। ଅଜୟ ସାମଲ, ଦୁଃଶାସନ ସାମଲ, ହରିହର ଜେନା, ଦୁର୍ଯ୍ୟୋଧନ ସାମଲ, ସୁଧାକର ସାମଲ, ପ୍ରବୋଧ ଖୁଣ୍ଟିଆ, ରାମଚନ୍ଦ୍ର ସାମଲ ଓ ନାରାୟଣ ମଲିକ କଳସ ଆଣିଥିବା ବେଳେ ୨ ଗ୍ରାମବାସୀ ସହଯୋଗ କରିଥିଲେ।

- ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ

# ମୁଖପତ୍ର ଉନ୍ମୋଚନ, ସମ୍ବର୍ଦ୍ଧନା

ଭଦ୍ରକ ଅଫିସ, ୨୯।୩

ଭଦ୍ରକ ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସମାବେଶ କୁଆଁସସ୍ଥିତ ନିତ୍ୟାନନ୍ଦ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ହରମୋହନ କୁଅଁର ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ସଭାପତି ଡ. ସନାତନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସଂଘର ବାର୍ଷିକ ଉତ୍ସବ ଓ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସେବାନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚର ସଭାପତି ଶରତ ଚନ୍ଦ୍ର ଦାଶ ଉଦ୍‌ଘାଟକ, ସାଧାରଣ ସମ୍ପାଦକ ଲୋକନାଥ ରଥ ମୁଖ୍ୟଅତିଥି, ଉପସଭାପତି ନରସିଂହ ଆଚାରୀ ଅନ୍ୟତମ ଅତିଥି ଏବଂ ସମ୍ପାଦକ ଅନୀଲ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସଂଘର ମୁଖପତ୍ର



ଅତିଥିମାନେ ଅବସରପ୍ରାପ୍ତ କର୍ମଚାରୀ ସଂଘର ମୁଖପତ୍ର ଉନ୍ମୋଚନ କରୁଛନ୍ତି।

'୨୦୧୯ ଉତ୍ତରଣ'କୁ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ଦାବି ମଧ୍ୟରେ ଚିକିତ୍ସା ଭତ୍ତା, ଫର୍ମୁଲା-୧ ଅନୁସାରେ ପେନ୍‌ସନ ନିର୍ଦ୍ଧାରଣ, ସର୍ବନିମ୍ନ ପେନ୍‌ସନ ୯,୦୦୦ ଟଙ୍କା, ୟୁଜିସି ବେତନ ପାଉଥିବା ପ୍ରଫେସରଙ୍କ ପେନ୍‌ସନ ନିର୍ଦ୍ଧାରଣ ନିୟମ ଓ ବର୍ଦ୍ଧିତ ପେନ୍‌ସନ ୮୦ ବର୍ଷରୁ ନ ହୋଇ ବାର୍ଷିକ ୧.୨୫ ପ୍ରତିଶତ ହାରରେ ବୃଦ୍ଧି ପାଇଁ ସଂଘ ମାଧ୍ୟମରେ ସରକାରଙ୍କ ନିକଟରେ ଦାବି କରାଯିବାକୁ ସ୍ଥିର ହୋଇଥିଲା। ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ର ଓ ବ୍ୟକ୍ତିବିଶେଷଙ୍କୁ ଅର୍ଥରାଶି ସହ ସମ୍ବର୍ଦ୍ଧିତ କରାଯାଇଥିଲା।

ସଂଘର କାର୍ଯ୍ୟକାରୀ ସଭାପତି ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ, କମିଶନର ଦିଗମ୍ବର ମହାନ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସାଧାରଣ ସମ୍ପାଦକ ମୁରଲୀଧର ପଣ୍ଡା ଦିବଂଗତ ହୋଇଥିବାରୁ ତାଙ୍କ ସ୍ଥାନରେ ପ୍ରଭାକର ମଲ୍ଲିକଙ୍କୁ ସର୍ବସମ୍ମତି କ୍ରମେ ଘୋଷଣା କରାଯାଇଥିଲା।

# 'ଛାତ୍ରୀଛାତ୍ର ବଢ଼ାଇଛନ୍ତି ବିଦ୍ୟାଳୟ ଗୌରବ'

ଆରଡ଼ି, ୨୯।୩ (ଡି.ଏନ.ଏ.)

ଚାନ୍ଦବାଲି ବ୍ଲକର ମଠଡିହ ସରକାରୀ ଉଚ୍ଚ ବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା। ଏଠାରୁ ସ୍ପଷ୍ଟ ବ୍ୟକ୍ତିତ୍ୱ କେବଳ ଭଦ୍ରକ ଜିଲା ନୁହେଁ ରାଜ୍ୟ, ଦେଶ ଓ ଆନ୍ତର୍ଜାତିକ ସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି। ଛାତ୍ରୀଛାତ୍ର ବିଦ୍ୟାଳୟର ଗୌରବ ବଢାଇଛନ୍ତି ବୋଲି ଏହି ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବନିତା ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅବସରପ୍ରାପ୍ତ ଯୁଗ୍ମ ସଚିବ ଡା. ସୁରଥ କୁମାର ବିଶ୍ୱାଳ ମୁଖ୍ୟଅତିଥି, ବରିଷ୍ଠ ସାହିତ୍ୟିକ କରୁଣାକର ବେହୁରିଆ ମୁଖ୍ୟବକ୍ତା ଏବଂ ଆରଡ଼ି ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଷୀକେଶ ନାୟକ, ରେଣୁବାଳା ସାମଲ, ଶିକ୍ଷକ ଲଚ୍ଛମନ ନାୟକ, ବୈକୁଣ୍ଠ ଚରଣ ବିଶ୍ୱାଳ, ଶିକ୍ଷୟିତ୍ରୀ ସୁରମା ସୁନ୍ଦରୀ ସାହୁ, ଶିକ୍ଷାବିତ୍ ଦୀପ୍ତିରଞ୍ଜନ ନାୟକ ଓ ଓଳଗ ସରପଞ୍ଚ ଅନସୂୟା ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ରଞ୍ଜୀବ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କୁମାର ନାୟକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ବିଦ୍ୟାଳୟ ବାର୍ଷିକ କ୍ରୀଡ଼ାରେ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତାରେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଶିକ୍ଷାଗୁରୁ ବିଶ୍ୱମ୍ବର ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ୫ମରୁ ୧୦ମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ଦୁଃଶାସନ ସ୍ମାରକୀ ପୁରସ୍କାର ମିଳିଥିଲା। ୨୦୧୮ ବାର୍ଷିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା କୁଳଦୀପ ନାୟକଙ୍କୁ କୁଶାସନ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ୩ୟ ଶ୍ରେଣୀ ମେଧାବୃତ୍ତି ପାଇଥିବା ଛାତ୍ରୀ ସୁଶ୍ରୀ ଶୁଭଲକ୍ଷ୍ମୀ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା।

## ଘରେ ଘରେ ଲଗାଇଲେ ଶଙ୍ଖ ପୋଷ୍ଟର

ଭଣ୍ଡାରିପୋଖରୀ, ୨୯।୩ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ କୁରିଗାଁ ପଞ୍ଚାୟତରେ ବିଜେଡି ମହିଳା ମୋର୍ଚ୍ଚା ପକ୍ଷରୁ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ନାଥ ଧଳ ଏହାର ନେତୃତ୍ୱ ନେଇଥିଲେ। ବିଜେଡି ପଞ୍ଚାୟତ ଉପଦେଷ୍ଟା ଦିବାକର ଜେନା, ସମ୍ପାଦକ ନରେନ୍ଦ୍ର ନାୟକ, ସୂର୍ଯ୍ୟମଣି ରାଉତ, ଦେବପ୍ରସନ୍ନ ମହାପାତ୍ର, କ୍ଷମାନିଧି ସାମଲ, ସୁବାସ ରାଉତ, ଶଶିକାନ୍ତ ପୃଷ୍ଟି ଓ ସନାତନ ମାଝି ପ୍ରମୁଖ ଘର ଘର ବୁଲି ଶଙ୍ଖ ପୋଷ୍ଟର ମାରିବା ସହ ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟ ଲୋକଙ୍କ ପାଖରେ ପହଞ୍ଚାଇଥିଲେ। ସଭାନେତ୍ରୀ ସୌଦାମିନୀ ନାୟକ, ସମ୍ପାଦିକା ରୀନାରାଣୀ ଧଳ, ବାସନ୍ତୀ ଥାଟୋଇ, ସଞ୍ଜୁକ୍ତା ରାଉତ, ସରସ୍ୱତୀ ସ୍ୱାଇଁ, ମମତା ବେହେରା ପ୍ରମୁଖ ଶତାଧିକ ମହିଳା ଶଙ୍ଖଧ୍ୱନି ଦେଇ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ଘର ଘର ବୁଲି ଶଙ୍ଖ ବଜାଇ ସରକାରଙ୍କ ବିକାଶର ନାରା ଦେଇଥିଲେ। ପ୍ରତି ପରିବାରରୁ ଚଳିତ ନିର୍ବାଚନରେ ରାଜ୍ୟ ସରକାରଙ୍କ ପାଇଁ ବିଭିନ୍ନ ଉନ୍ନୟନମୂଳକ ଇସ୍ତାହାର ସମ୍ବନ୍ଧୀୟ ପ୍ରସ୍ତାବମାନ ଗ୍ରହଣ କରାଯାଇଥିଲା।

## ସାନ ସରକାର ବାବାଙ୍କ ବାର୍ଷିକ ସମାରୋହ ପ୍ରସ୍ତୁତି

ଭଦ୍ରକ ଅଫିସ, ୨୯।୩

ଭଦ୍ରକର ପ୍ରସିଦ୍ଧ ଧର୍ମଗୁରୁ ହଜରତ୍ ସୈୟଦ ଶାହା ଓସିମ ଅଖତର କାଦ୍‌ରୀ ଓରଫ ସାନ ସରକାର ବାବାଙ୍କ ୬ଷ୍ଠ ବାର୍ଷିକ ସମାରୋହ ଏବଂ ଫାତେହା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଏପ୍ରିଲ ୪ ଓ ୫ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବ ପାଇଁ ଖାନକାହ ସରିଫ କମିଟି ଓ ବୟମେ ହବିବ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ହୋଇଥିଲା। ସାନ ସରକାର ବାବାଙ୍କ ଉତ୍ସବରେ ଓଡ଼ିଶା ସମେତ ଭାରତର ବିଭିନ୍ନ ସ୍ଥାନରୁ ବହୁ ଭକ୍ତ ତାଙ୍କ ସାଧନା ପୀଠ ବାଇପାସ୍ ରୋଡସ୍ଥିତ ଖାନ୍‌କାହ ସରିଫରେ ଆସି ପବିତ୍ର ସମାଧି ପୀଠରେ ଶ୍ରଦ୍ଧା ସୁମନ ଅର୍ପଣ କରିବେ। ଖାନ୍‌କାହ ସରିଫ ପକ୍ଷରୁ ମଧ୍ୟରାତ୍ରରୁ ବାବାଙ୍କ ସମାଧି ସ୍ଥଳେ ଜଳଲାଗି(ଗୋସଲଖାନୀ), ଗୁଲପୋସି ଓ ଚାଦରଚଢା ହୋଇ ଏପ୍ରିଲ ୫ ତାରିଖ ସକାଳେ ନମାଜ ପାଠ ସାରି କୋରାନଖାନୀ, ମିଲାଦ ସରିଫ ଏବଂ ଫାତେହା କାର୍ଯ୍ୟକ୍ରମ ହେବ। ଏହାପରେ ସକାଳ ୮ଟାରୁ ସିରିଣି(ପ୍ରସାଦ) ବଣ୍ଟନର ଆୟୋଜନ କରାଯିବା ସହ ଦିନତମାମ ଚାଦରପୋଷି କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ଖାନ୍‌କାହ ସରିଫ କମିଟି ପକ୍ଷରୁ ସ୍ଥିର କରାଯାଇଛି। ୪ ଓ ୫ ଦୁଇଦିନ ଧରି ସନ୍ଧ୍ୟା ୬ରୁ ଖାନ୍‌କାହ ପରିସର ବାହାରେ ବୟମେ ହବିବ କମିଟି ଆନୁକୂଲ୍ୟରେ ଫୈଜାନେ ନସିମ କନଫରେନ୍ସ ନାମରେ ଧର୍ମସଭା ଓ ସର୍ବଭାରତୀୟ ମୁଶାଏରା କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହି ମୁଶାଏରାରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କବିଙ୍କ ସହ ରାଜ୍ୟ ଓ ଦେଶର ବହୁ ପ୍ରସିଦ୍ଧ ସାଏର ଓ ମୌଲାନା(ପଣ୍ଡିତ) ଯୋଗଦେଇ ବାବାଙ୍କ ଜୀବନାଦର୍ଶ ଓ ମାନବ ସେବା ଉପରେ ଆଲୋକପାତ କରିବେ।

ବୟମେ ହବିବ କମିଟିର ଶେଖ୍ ଅବୁଲକାଲାମ, ଶେଖ୍ ହବିବୁଲା, ଜାୱେଦ ଅଖତର, ଅତହର ଅଲି, ମହମ୍ମଦ ସାହିଦ ହୋସେଦ, ରେଜାଏ ରସୁଲ, ହବିବୁଲ୍ଲା ଖାଁ, ଅବୁ ହୋସେନ, ମିର୍ଜୀ ଇକ୍ରାମ, ଇମତିଆଜ ଖାଁ, ଶେଖ୍ କମିର, ଶେଖ୍ ଅନୱର, ମୁସ୍ତାକ ଗୌହର, ବଣ୍ଟି ଖାଁ, ଜାଫର ଦାନିସ, ସାହିଦ ଖାଁ, ଜାହୁଲ ମୁସ୍ତାଫା ଓ ସାଗିଲ ଖାଁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ବିଜେଡି ପ୍ରାର୍ଥୀ ବ୍ୟୋମକେଶଙ୍କ ଶୋଭାଯାତ୍ରା

- ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା

ଚାନ୍ଦବାଲି/ତିହିଡ଼ି, ୨୯।୩ (ଡି.ଏନ.ଏ)

ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଭାବେ ବ୍ୟୋମକେଶ ରାୟ ଦ୍ୱିତୀୟ ଥର ପାଇଁ ଦଳୀୟ ଟିକେଟ ପାଇବା ପରେ ଶୁକ୍ରବାର ବାଇକ୍ ଶୋଭାଯାତ୍ରା କରିଥିଲେ। ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ତିହିଡିରୁ ଚାନ୍ଦବାଲି ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା କରାଯାଇଥିଲା। ଚାନ୍ଦବାଲି ବ୍ଲକ ଅଧୀନ ଖେରଙ୍ଗ, ନାଲଗୁଣ୍ଡା, ଦିଗଛିଆ, ମତୋ, ଉଗ୍ରତରା, ମହୁଲିଆ, କଖାରୁଡିହି, ଚାନ୍ଦବାଲିଠାରେ ବ୍ୟୋମକେଶଙ୍କୁ ପୁଷ୍ପମାଲ୍ୟ ଓ ପୁଷ୍ପଗୁଚ୍ଛ ଦେଇ କର୍ମୀ ଓ ସମର୍ଥକମାନେ ସ୍ୱାଗତ କରିଥିଲେ। ବ୍ୟୋମକେଶ ମା' କାଳୀ ଓ ଦୁର୍ଗା ମନ୍ଦିରରେ ଆଶୀର୍ବାଦ ଭିକ୍ଷା କରିଥିଲେ। ଭଦ୍ରକ ଜିଲାପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ନରେଶ ମାଝି, ଖଗେଶ୍ୱର ବଳ, ଶରତ ସାହୁ, ପ୍ରିନ୍ସ ରାକେଶ ନାୟକ, ଜିତେନ୍ଦ୍ର ପାଣି, ମାନସୀ ପାଢୀ, ସୁପ୍ରଭା ରାୟ, ପ୍ରଭାସ ନାୟକ, ସତ୍ୟବୀର ପ୍ରତାପ ରାୟ, ରଞ୍ଜନ ସାହୁ, ପ୍ରଫୁଲ୍ଲ ବେହେରାଙ୍କ ସମେତ ସରପଞ୍ଚ ଓ ସମିତିସଭ୍ୟମାନେ ଶୋଭାଯାତ୍ରାରେ ସାମିଲ ଥିଲେ।


ଚାନ୍ଦବାଲିଠାରେ ବାଇକ୍ ଶୋଭାଯାତ୍ରାରେ ବିଜେଡି ନେତା ଓ କର୍ମୀ।

ସେହିପରି ତିହିଡ଼ି ବ୍ଲକ ଦୌଲତପୁର ପଞ୍ଚାୟତ ବିନ୍ଧାବଜାରଠାରେ ୯ ପଞ୍ଚାୟତର ବିଜେଡି ନେତା ଓ କର୍ମୀ ପ୍ରାର୍ଥୀ ବ୍ୟୋମକେଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେ ଛକରେ ପହଞ୍ଚିବା ପରେ ମହିଳାମାନେ ଶଙ୍ଖ ହୁଳହୁଳି ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ପରେ ବିଜେଡି ନେତା ଓ କର୍ମୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ବରିଷ୍ଠ ବିଜେଡି ନେତା ବିପିନ ରାଉତ, ପ୍ରଦୀପ ମିଶ୍ର, ନୃସିଂହ ମହାକୁଡ଼, ସରପଞ୍ଚ ବଳଭଦ୍ର ମାଠ, ମାନସ ରଞ୍ଜନ ସାହୁ, ଅମର ଦାସ ଓ ସୁବାସ ସେଠୀ, ସରପଞ୍ଚଙ୍କ ପ୍ରତିନିଧି ପାର୍ଥସାରଥୀ ନାୟକ, ବିଜୁ ଯୁବବାହିନୀ ସଭାପତି ନୀଳମଣି ମାଝି, ପ୍ରଶାନ୍ତ ବିଶ୍ୱାଳ, ମୁକ୍ତିକାନ୍ତ ମହାନ୍ତି, ଚିନୁ ମିଶ୍ର, ହିମାଦ୍ରୀ ମିଶ୍ର, ଦିଲୀପ ଗୋଥ, କେଦାର ମହାପାତ୍ର, କୃଷ୍ଣମୋହନ ବାରିକ ଓ ସୁଧାଂଶୁ ନାୟକଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ଭୂତଳ ଜଳ ସଂରକ୍ଷଣ ସମ୍ପର୍କିତ କର୍ମଶାଳା

ତିହିଡ଼ି, ୨୯।୩ (ଡି.ଏନ.ଏ.)

ତିହିଡ଼ି ବ୍ଲକ ପୀରହାଟସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଫାମ୍ବା ଓଡ଼ିଶା ଚାପ୍‌ଟର ଓ ତ୍ରିବେଣୀ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଭୂତଳ ଜଳ ସଂରକ୍ଷଣ ଓ ଜଳ ସୁରକ୍ଷା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ତ୍ରିବେଣୀ ଟ୍ରଷ୍ଟ ଅଧ୍ୟକ୍ଷା ରଞ୍ଜୁଲତା ଗାହାଣ ପୌରୋହିତ୍ୟ କରିଥିଲେ। ପୀରହାଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବିଚିତ୍ରାନନ୍ଦ ମିଶ୍ର, ପ୍ରଗତି ଯୁବକ ସଂଘର ଚାନ୍ଦବାଲି ସଂଯୋଜିକା ବିସ୍ମିତା ଜେନା ଅତିଥି ଭାବେ ଯୋଗଦେଇ ଆଗାମୀ ଦିନରେ ଜଳ ଅଭାବରୁ ଭୟାବହ ବିପର୍ଯ୍ୟୟରୁ କିପରି ରକ୍ଷା ମିଳିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ପୀରହାଟ ବୈଷ୍ଣବାନନ୍ଦ ଉଚ୍ଚ ବିଦ୍ୟାଳୟ, ବାରବାଟିଆ ଉନ୍ନୀତ ପ୍ରାଥମିକ ସ୍କୁଲ, କାନପୁର ସେବାଶ୍ରମ ସ୍କୁଲ ଓ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପଣ୍ଡା ଆଜିଠାରୁ ପ୍ରତ୍ୟେକ ମଣିଷକୁ ଜଳ ସଞ୍ଚୟ କରିବା ଦିଗରେ ବାର୍ତ୍ତା ଦେବାକୁ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶପଥପାଠ କରାଇଥିଲେ। ଟ୍ରଷ୍ଟର ପ୍ରୋଗ୍ରାମ କୋଅର୍ଡିନେଟର ବିଶ୍ୱଜିତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଚନ୍ଦନଗଛ କାଟିନେଲେ କାଠମାଫିଆ

**ପାଟଣା, ୨୯।୩(ସ୍ୱ.ପ୍ର.):** ପାଟଣା ଥାନା ବଡ଼ପାଟଣା ପଞ୍ଚାୟତ ଗୁଲୁଦୀପଶି ଗ୍ରାମ ଝାଟିପଡ଼ା ସାହିର ଶ୍ରୀକାନ୍ତ ରାଉତଙ୍କ ଘର ଅଗଣାରୁ ବୁଧବାର ରାତିରେ କେହି ଦୁର୍ବୃତ୍ତ ଚନ୍ଦନ ଗଛ କାଟି ନେଇଛନ୍ତି। ଏକ ବର୍ଷ ପୂର୍ବେ ଏହି ଥାନା ଅଧୀନ ବିଭିନ୍ନ ଗ୍ରାମରୁ ଚୋରମାନେ ୭ରୁ ଊର୍ଦ୍ଧ୍ୱ ଚନ୍ଦନ ଗଛ କାଟି ନେଇଥିଲେ। ଏବେ ପୁଣି ଏହି ଅଞ୍ଚଳରେ କାଠ ମାଫିଆମାନେ ସକ୍ରିୟ ହୋଇ ଉଠିଛନ୍ତି। ପୋଲିସ ଓ ବନ ବିଭଗ ତରଫରୁ ରାତ୍ରି ପାଟ୍ରୋଲିଂକୁ କଡାକଡ଼ି କରିବାକୁ ଲୋକଙ୍କ ତରଫରୁ ଦାବି ହେଉଛି।

### ବାଇକ୍ ଆରୋହୀ ଗୁରୁତର

**ଆନନ୍ଦପୁର, ୨୯।୩(ସ୍ୱ.ପ୍ର.):** ଆନନ୍ଦପୁର ଥାନା ୫୩ ନଂ ରାଜ୍ୟ ରାଜପଥ ଫକୀରପୁର ଡାକ୍ତରଖାନା ନିକଟରେ ଜଣେ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ପିକ୍ଅପ୍‌ରେ ଧକ୍କା ହୋଇଥିଲେ। ସେ ହେଉଛନ୍ତି ଆନନ୍ଦପୁରର ଦିବାକର ସାହୁ(୫୮)। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରିଛନ୍ତି।

### ଯୁବକଙ୍କ ମୃତଦେହ ଉଦ୍ଧାର

**ଚମ୍ପୁଆ, ୨୯।୩(ଡି.ଏନ.ଏ.):** ଚମ୍ପୁଆ ଥାନା ରିମୁଳି ଫାଣ୍ଡି ଅଧୀନ ରଘୁଆଳ ସାହି ଢାବାରେ କାମ କରୁଥିବା ଚନ୍ଦନ ନାଏକ ନାମକ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ତାଙ୍କ ମୃତଦେହ ଏକ ଘରେ ଝୁଲୁଥିବା ଦେଖିବାକୁ ମିଳିଛି। ଏ ନେଇ ରିମୁଳି ଫାଣ୍ଡିର ଅଭିଯୋଗ ପରେ ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଯୁବକ ଜଣକ ଗାମୁଛରେ ଫାଶି ଲୋଗାଇ ଆତ୍ମହତ୍ୟା କରିଥାଏ ପାରେ ବୋଲି ଆଲୋଚନା ହେଉଛି। ମୃତ୍ୟୁର କାରଣ ପାଇଁ ଅଧିକ ତଦନ୍ତ ପୋଲିସ ଚଳାଇଛି। ଯୁବକ ଜଣକ ମୟୂରଭଞ୍ଜ ସିଙ୍ଗିଡା ଥାନା ଅନ୍ତର୍ଗତ ଘାଗି ଗ୍ରାମର ବିରଞ୍ଚି ନାଏକଙ୍କ ପୁତ୍ର ବୋଲି ଜଣାପଡିଛି।

### ମୃତ ଯୁବକଙ୍କ ପରିଚୟ ମିଳିଲା

**ଢେଙ୍କିକୋଟ, ୨୯।୩(ଡି.ଏନ.ଏ.):** ଗତ ୨୭ରେ ପୋଇପାଣି ବିଲମାଳରେ ଥିବା ଏକ ଆକାଶିଆ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଢେଙ୍କିକୋଟ ଫାଣ୍ଡି ପୋଲିସ ଉଦ୍ଧାର କରିଥିଲା। ଶୁକ୍ରବାର ମୃତ ଯୁବକଙ୍କ ପରିଚୟ ମିଳିଛି। ତାଙ୍କ ଘର ବାରିଆ ଥାନା ଅନ୍ତର୍ଗତ ଗଣ୍ଡବରେଇ ଗ୍ରାମର ପରମେଶ୍ୱର ନାଏକ। ବ୍ୟବଚ୍ଛେଦ ପରେ ଶବ ସତ୍କାର କରାଯାଇଥିବା ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ା ପ୍ରକାଶ କରିଛନ୍ତି। ମୃତ ଯୁବକ ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଭୋଲବେଡ଼ା ଗ୍ରାମ ପଞ୍ଚାୟତ ଭୋଲବେଡ଼ା ଗ୍ରାମ ନିଜ ସତ୍ତୁ ଭାଇ ଘରକୁ ଆସି ଥିଲେ। ସେବେଠାରୁ ଆଉ ଘରକୁ ଫେରି ନ ଥିଲେ ବୋଲି ପରିବାର ଲୋକ ପ୍ରକାଶ କହିଛନ୍ତି।

■ ପୂର୍ବତନ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ରଙ୍କ ହତ୍ୟା ଘଟଣା

# ଏସ୍‌ପି କାର୍ଯ୍ୟାଳୟ ଘେରିଲା କଂଗ୍ରେସ

■ ବିଚାର ବିଭାଗୀୟ ତଦନ୍ତ ଦାବି
■ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**କେନ୍ଦୁଝର, ୨୯।୩(ସ୍ୱ.ପ୍ର.)**


କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଉଛି।

ପୂର୍ବତନ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ବେହେରାଙ୍କୁ ଯୋଜନାବଦ୍ଧ ଭାବେ ରାଜନୈତିକ ଆକ୍ରୋଶ ରଖି କେତେକ ଦୁର୍ବୃତ୍ତ ଗତ ୨୫ ତାରିଖ ରାତିରେ ହତ୍ୟା କରିଛନ୍ତି। ଏହି ହତ୍ୟା ଘଟଣାରେ ପୁଲିସ ୫ ଜଣଙ୍କୁ ଗିରଫ କରିଛି। ପୂର୍ବଶତୃତାକୁ ନେଇ ଘରୋଇ ଗଣ୍ଡଗୋଳରୁ ହତ୍ୟା କରାଯାଇଥିବା ପୋଲିସ କହୁଛି। ପ୍ରକୃତରେ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ସରକାରଙ୍କ ଚାପରେ ପୋଲିସ ତଦନ୍ତର ଦିଗ ବଦଳାଉଥିବାରୁ ବିଚାର ବିଭାଗୀୟ ତଦନ୍ତ କରିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏ ନେଇ କଂଗ୍ରେସ ପକ୍ଷରୁ ଶୁକ୍ରବାର କେନ୍ଦୁଝର ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ଘଟଣାରେ ମନ୍ତ୍ରୀ ବଦ୍ରିଙ୍କ ପ୍ରଛନ୍ନ ହାତ ରହିଛି ବୋଲି କଂଗ୍ରେସ ନେତାମାନେ ଅଭିଯୋଗ ଆଣିଛନ୍ତି।

ତଦନ୍ତରେ ସ୍ୱଚ୍ଛତା ଆଣିବା ପାଇଁ ବିଚାରବିଭାଗୀୟ ତଦନ୍ତ କରାଯାଉ ବୋଲି ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର ଅଭିଯୋଗ କରିଛନ୍ତି। ରାମଚନ୍ଦ୍ର ବେହେରାଙ୍କ ହତ୍ୟା ପ୍ରତିବାଦରେ କଂଗ୍ରେସ ନେତା ଓ କର୍ମୀ ଜିଲା କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏ ନେଇ ଜିଲା ଆରକ୍ଷୀ ଅଧିକ୍ଷକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିଗୁଡିକ ମଧ୍ୟରେ ରାମଚନ୍ଦ୍ରଙ୍କ ନିଃସହାୟ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତି ପୂରଣ, ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ, ଅତ୍ୟନ୍ତ ସମ୍ବେଦନଶୀଳ କେନ୍ଦ୍ରରେ ସିସି ଟିଭି ଲଗାଇବା ଏବଂ ପାରା ମିଲିଟାରୀ ଫୋର୍ସ ମୁତୟନ କରିବା ସହ ଘସିପୁରା ନିର୍ବାଚନ ମଣ୍ଡଳୀର ସମସ୍ତ ପ୍ରାର୍ଥୀଙ୍କୁ ଯଥେଷ୍ଟ ସୁରକ୍ଷା ଯୋଗାଇ ଦେବାକୁ ଉଲ୍ଲେଖ ରହିଛି। ଏହି ବିକ୍ଷୋଭ ପ୍ରଦର୍ଶନ ସମୟରେ ଜିଲା କଂଗ୍ରେସ କମିଟି ସଭାପତି ମୋହନ ପରିଡା, ପିସିସି ସାଧାରଣ ସମ୍ପାଦକ ଆଲୋକ, ପିସିସି ସାଧାରଣ ସମ୍ପାଦକ ବିଦ୍ୟାଧର ଦେହୁରି, ପିସିସି ସମ୍ପାଦକ ସଂଗ୍ରାମ ଦାସ, ଜିଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ରତିକାନ୍ତ ବରାଳ, ନିକୁ ବିହାରୀ ମିଶ୍ର, ଏମ୍‌ପି ପ୍ରାର୍ଥୀ ଡ. ଫକୀର ମୋହନ ନାଏକ, ଯଦୁମଣୀ ବାରିକ, ଗୋପେଶ୍ୱର ନାଏକ, ସଂଗୀତା ସିଂ, ପ୍ରଭାତୀ ଜେନା, ବସନ୍ତ ଦାସ, ସୁଢଳ ସେଠୀ, ରମାକାନ୍ତ ପାତ୍ର, କବୀନ୍ଦ୍ର ସାହୁ, କୋଦଣ୍ଡ ଜେନା, ରଣଜିତ ଜେନା, ପୟୋଧର ବେହେରା, ଉତ୍ତମ ସାହୁ, ଆର୍ତ୍ତତ୍ରାଣ ଦାସ, ରତ୍ନାକର ଜେନା, ରଞ୍ଜନ ସ୍ୱାଇଁ, ବିଜୟ ରଣା, ଶ୍ରୀଧର ଦଳେଇ, ଏସ୍.କେ. ରାଜୁ, ଅମର ସିଂ ମହାନ୍ତି, ଅକ୍ଷୟ ମହାନ୍ତି, କ୍ଷୀରୋଦ ରାଉତ, ଗୁନୁ ପରିଡା ପ୍ରମୁଖ ସାମିଲ ଥିଲେ।

## ନିମ୍ନମାନର କାର୍ଯ୍ୟକରି ଅନୁଦାନ ହରିଲୁଟ

**ହାଟଡିହୀ, ୨୯।୩(ଡି.ଏନ.ଏ.)**

ନିର୍ବାଚନକୁ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଆଇନ ପ୍ରଣୟନ କରାଯାଇଛି। ଆଚରଣ ବିଧି ଲାଗୁ ହେବା ପରେ ଉନ୍ନୟନ କାର୍ଯ୍ୟ ଉପରେ ଆଙ୍କୁଶ ଲଗାଇବା ପାଇଁ ନିୟମ ରହିଛି। ବିଭିନ୍ନ ବିଭାଗର ଅଧିକାରୀ ଓ ଯନ୍ତ୍ରୀମାନେ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ବେଳେ ଏହି ସମୟରେ ଉନ୍ନୟନ କାର୍ଯ୍ୟ ଅତିନିମ୍ନମାନର କରାଯାଇ ସରକାରଙ୍କର ଅନୁଦାନକୁ ଲୁଟିବାରେ ଠିକାଦାର ବ୍ୟସ୍ତ ରହୁଛନ୍ତି ବୋଲି ଅଭିଯୋଗ ହେଉଛି। ଆରଡି ବିଭାଗ ଅଧୀନରେ ବିଭିନ୍ନ ସ୍ଥାନରେ ପିଚୁ କାର୍ଯ୍ୟ କରାଯାଉଛି। ଠିକାଦାର ଏହାର ଫାଇଦା ନେଇ ନିମ୍ନମାନର ପିଚୁ ପକାଇ କାର୍ଯ୍ୟ କରୁଛନ୍ତି। ଏଭଳି କାର୍ଯ୍ୟକୁ ନେଇ ବିଭିନ୍ନ ଗ୍ରାମରେ ଅସନ୍ତୋଷ ବୃଦ୍ଧି ପାଉଛି।

ପୂର୍ତ୍ତ, ଜଳସେଚନ, କାଡ଼ାନାଳ, ମାଇନିଂ ଇରିଗେଶନ ବିଭାଗ ଏହିପରି ବିଭିନ୍ନ ବିଭାଗର କାର୍ଯ୍ୟର ଅନୁଦାନକୁ ଦଳୀୟ ନେତାଙ୍କ ଚିଠା ଓ ଇସାରାରେ କରାଯାଇ ଲୁଟ କରାଯାଉଛି। ପୂର୍ବରୁ ଟେଣ୍ଡର ଏବଂ ବିଭିନ୍ନ ବିଭାଗରୁ କାର୍ଯ୍ୟାଦେଶ ହୋଇଥିବା କହି ଲୋକଙ୍କୁ ଭକୁଆ ବନା ଯାଉଛି। ଏଥିପ୍ରତି ନିର୍ବାଚନ ଅଧିକାରୀ ଓ ବିଭାଗ ପ୍ରଶାସନ ଦୃଷ୍ଟି ଦେବା ନିହାତି ଜରୁରୀ ବୋଲି ଦାବି ହେଉଛି। ନ ହେଲେ ଆଗାମୀ ଦିନରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି। ହାଟଡିହୀ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ପ୍ରାୟ ୫୦ କୋଟିରୁ ଊର୍ଦ୍ଧ୍ୱ ବ୍ୟୟ ଅଟକଳ କରାଯାଇ ପିଚୁ କଂକ୍ରିଟ ରାସ୍ତା, କାଡ଼ା, କେନାଲ, ଗୃହ ନିର୍ମାଣ କରାଯାଉଛି। ନିର୍ବାଚନୀ ସମୟରେ ସରକାରୀ ଅନୁଦାନକୁ ସରକାରୀ ବାବୁମାନେ ଠିକାଦାରଙ୍କ ସହ ମିଶି ମନମୁଖୀ କାର୍ଯ୍ୟ କରୁଥିବା ବେଳେ ବହୁ ଟଙ୍କା ତଞ୍ଚକତା କରି ମୁନାଫା ଉଠାଉଥିବା ମୁଖ୍ୟ ପ୍ରସଙ୍ଗ ପାଲଟିଛି। ଏହି ଅନୁଦାନକୁ ନେଇ ନିର୍ବାଚନୀ ଖର୍ଚ୍ଚରେ ଲଗାଯିବ ବୋଲି ଚର୍ଚ୍ଚା ହେଉଛି।

## ଭାଜପା ଛାଡ଼ି କଂଗ୍ରେସରୁ ଲଢ଼ିବେ ଫକୀର

**କେନ୍ଦୁଝର, ୨୯।୩(ସ୍ୱ.ପ୍ର.)**

ଭାଜପାରୁ କେନ୍ଦୁଝର ଲୋକସଭା ପାଇଁ ଟିକେଟ ନ ମିଳିବାରୁ ଡ. ଫକୀର ମୋହନ ନାୟକ ପଦ୍ମ ଛାଡି ହାତ ଧରିଛନ୍ତି। ଏ ନେଇ ଭାଜପା ରାଜ୍ୟ ସଭାପତିଙ୍କୁ ଇସ୍ତଫା ପତ୍ର ଦେଇଥିବା ସେ କହିଛନ୍ତି। ଏ ନେଇ ସେ କହିଛନ୍ତି ଯେ, କାମ କରିବାକୁ ପ୍ଲାଟଫର୍ମ ଖୋଜୁଥିଲେ। ଏଥିପାଇଁ କଂଗ୍ରେସ ତାଙ୍କୁ ଯୋଗ୍ୟ ବୋଲି ଚୟନ କରିଛି। ଏଥିପାଇଁ ରାହୁଲ ଗାନ୍ଧୀ ଓ ନିରଞ୍ଜନ ପଟ୍ଟନାୟକଙ୍କ ତାଙ୍କୁ କାମ କରିବାକୁ ସୁଯୋଗ ଦେଇଥିବାରୁ ଧନ୍ୟବାଦ ଦେଇଛନ୍ତି। ଲୋକଙ୍କ ପାଇଁ କାମ କରିଆସୁଛନ୍ତି। ଡ. ନାୟକ ପୂର୍ବରୁ ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନ ଲଢି ହାରି ଯାଇଥିଲେ। ଚଳିତ ନିର୍ବାଚନରେ ଭାଜପା ପକ୍ଷରୁ ଟିକେଟ ପାଇବା ପାଇଁ ଆଶାବାଦୀ ଥିଲେ। କଂଗ୍ରେସ ଦଳ ତାଙ୍କ ନାମ କେନ୍ଦୁଝର ଲୋକ ସଭା ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଭାଜପା ଦଳରେ ସଦସ୍ୟ ହୋଇ ଦଳ ପାଇଁ ତୃଣମୂଳ ସ୍ତରରେ ଲୋକଙ୍କ ପାଇଁ କାମ କରିବା ସହ ସଂଘୀୟ କାର୍ଯ୍ୟରେ ନିୟୋଜିତ ହୋଇ ଆସ୍ଥା ଭାଜନ ହୋଇଥିଲେ। ଏଥିପାଇଁ ସେ ପ୍ରାର୍ଥୀ ହେବା ପାଇଁ ଆଶା ରଖିଥିଲେ। ଭାଜପା ଦଳ ପୂର୍ବତନ ଅନନ୍ତ ନାୟକଙ୍କ ନାମ ଘୋଷଣା ପରେ ସେ ନିରାଶ ହୋଇଥିଲେ।

## ରାସ୍ତା କାର୍ଯ୍ୟରେ ଅନିୟମିତତା

**ତେଲକୋଇ, ୨୯।୩(ଡି.ଏନ.ଏ.)**


ଗୋଳବନ୍ଧଠାରୁ ଜଗମୋହନପୁର ରାସ୍ତା।

ତେଲକୋଇ ବ୍ଲକ ଅନ୍ତର୍ଗତ ଛାମୁଣ୍ଡା ପଞ୍ଚାୟତର ଗୋଳାବନ୍ଧ ଛକଠାରୁ ଜଗମୋହନପୁର ଛକ ପର୍ଯ୍ୟନ୍ତ ଚାଲିଥିବା ୩ କି.ମି. ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଛି। ଏ ନେଇ ପିଡବ୍ଲୁଡି ବିଭାଗ ଅଧୀନରେ ଏହାର ବ୍ୟୟ ବରାଦ ରହିଛି ତିନି କୋଟି। ବିଭାଗୀୟ ଅଣଦେଖା ଯୋଗୁଁ ରାସ୍ତା କାର୍ଯ୍ୟ ଯୋଜନା ଅନୁଯାଇ କରା ନ ଯାଇ ଠିକାଦାର ନିଜ ଇଚ୍ଛାରେ କାମ କରୁଥିବା ନେଇ ଛାମୁଣ୍ଡା ସରପଞ୍ଚ କଳ୍ପତରୁ ନାଏକ, ପୂର୍ବତନ ସରପଞ୍ଚ ନିଳମଣୀ ନାଏକ, ଜଗମୋହନପୁର ସରପଞ୍ଚ ସରୋଜିନୀ ପ୍ରଧାନ ସମେତ ୨ ପଞ୍ଚାୟତବାସୀ ଜିଲାପାଳ ଓ ବିଭାଗୀୟ ଜିଲା ଅଧିକାରୀଙ୍କୁ ଏହାର ତଦନ୍ତ ଦାବି କରିଛନ୍ତି। ଏହି ରାସ୍ତା ୨ଲେନ ପାଇଁ ଯୋଜନା କେବଳ କାଗଜପତ୍ରରେ ଦର୍ଶା ଯାଇଛି। ରାସ୍ତା ପାଇଁ ଆବଶ୍ୟକ ପାଣିର ଅଭାବ ସହିତ ରୁଲର ଦ୍ୱାରା କ୍ୱିଇରିଂ ବ୍ୟବସ୍ଥା ନ ଥିବା ଯୋଗୁଁ ରାସ୍ତା କାର୍ଯ୍ୟର ସ୍ଥାୟିତ୍ୱ ନେଇ ତଦନ୍ତ ଦାବି କରିଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ ପଞ୍ଚାନନ ଧରଣୀଆଙ୍କୁ ପଚାରିବାରୁ ପ୍ରଥମ ପର୍ଯ୍ୟାୟ ପରେ ୨ଲେନ ରାସ୍ତାର ଯୋଜନା କରାଯାଇଛି।

## ସଚେତନତା ପାଇଁ ପୁରସ୍କାର

**ଆନନ୍ଦପୁର, ୨୯।୩(ସ୍ୱ.ପ୍ର.)**

ଘସିପୁରା ବ୍ଲକ ରାମଚନ୍ଦ୍ରପୁର ଥାନା ପକ୍ଷରୁ ସୁଆଁପଦାଠାରେ ଥାନା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଇକ୍ ଆରୋହୀ ଓ ଚାରିଚକିଆ ଯାନକୁ ଅଟକାଇ ଯାଞ୍ଚ କରିବା ସହିତ ସଚେତନତା ସୃଷ୍ଟି କରିଥିଲେ। ଆରୋହୀମାନେ ଗାଡି ଚଳାଇବା ସମୟରେ ଟ୍ରାଫିକ୍ ନିୟମ ମାନିବା ଆବଶ୍ୟକ। କାଗଜପତ୍ର ରଖିବା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ଯେଉଁମାନେ ଠିକ୍ କାଗଜପତ୍ର ରଖି ଗାଡି ଚଳାଉଛନ୍ତି ସେମାନଙ୍କୁ ୧୦୦ ଟଙ୍କା ପୁରସ୍କାର ଓ ସଚେତନତା ନାଗରିକ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏହି କ୍ରମରେ ଶାଳଦେଇ ପଞ୍ଚଆୟତର ସମିତି ସଭ୍ୟ ସ୍ମୃତିରଞ୍ଜନ ମିଶ୍ର, ଆଇଆଇସି ସ୍ୱାଇଁଙ୍କଠାରୁ ପୁରସ୍କୃତ ହୋଇଥିଲେ।

## ପିଠିରେ ବଢୁଛି ମାଂସ ପିଣ୍ଡୁଳା

**ରାଇସୁଆଁ, ୨୯।୩(ଡି.ଏନ.ଏ.)**

### ଚିନ୍ତାରେ ପରିବାର

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ରାଇଗଡ଼ା ପଞ୍ଚାୟତ ବିରିନ୍ଦା ଗ୍ରାମର ଦମ୍ପତି ଶୁଶିଳା ଦେହୁରି ଏବଂ ବିଶୁ ଦେହୁରିଙ୍କ ୩ ମାସର ପୁଅ ଆସିକଙ୍କ ପିଠିରେ ଅସ୍ୱାଭାବିକ ଭାବେ ମାଂସ ପିଣ୍ଡୁଳା ବଢୁଛି। ଜନ୍ମ ସମୟରେ ଆସିକଙ୍କ ପିଠିରେ ଛୋଟ ମାଂସଟି ଥିଲା। ଧୀରେ ତାହା ବୃଦ୍ଧି ପାଇବାରେ ଲାଗିଛି। ଆସିକ ଯନ୍ତ୍ରଣା ଭୋଗୁଛନ୍ତି। ସେ ଭଲ ଭାବରେ ଖାଇବା ପିଇବା କରୁ ନ ଥିବା ତାଙ୍କ ମା' ଶୁଶିଳା କହିଛନ୍ତି। ଶିଶୁଙ୍କୁ ବାଂଶପାଳ ଏବଂ କେନ୍ଦୁଝର ମେଡିକାଲକୁ ନିଆଯାଇଥିଲା। ପରେ ଡାକ୍ତର ଶିଶୁକୁ କଟକ ବଡମେଡିକାଲ ନେଇ ଚିକିତ୍ସା କରିବାକୁ ପରାମର୍ଶ ଦେଇଛନ୍ତି। ଶିଶୁର ପରିବାର ଗରିବ ହୋଇଥିବାରୁ ଆର୍ଥିକ ଅନାଟନରେ ରହୁଛନ୍ତି। ଡାକ୍ତରୀ ଚିକିତ୍ସା ନ କରି ଜଡିବୁଟି ଚିକିତ୍ସା କରାଯାଉଥିବା କୁହାଯାଉଛି। ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ କହିଛନ୍ତି ଯେ, ଶିଶୁକୁ ତୁରନ୍ତ ଚିକିତ୍ସା ନ ମିଳିଲେ ଶିଶୁର ଜୀବନ ବିପଦ ରହିଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଶିଶୁ ୱାର୍ଡ ପାଲଟିଛି ଛେଳି ଗୁହାଳ


ୱାର୍ଡରେ ଉଭୟ ପାର୍ଶରେ ଜମା ହୋଇଥିବା ଆବର୍ଜନା।

**ଚମ୍ପୁଆ, ୨୯।୩(ଡି.ଏନ.ଏ.):**

ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଶିଶୁଙ୍କ ଚିକିତ୍ସା ପାଇଁ ଉଦ୍ଦିଷ୍ଟ ୱାର୍ଡ କାମରେ ଲାଗୁ ନ ଥିବାରୁ ଏହା ବୁଲା ଛେଳିଙ୍କ ଆବାସସ୍ଥଳୀ ପାଲଟିଛି। ବହୁ ଟଙ୍କା ବିନିମୟରେ ଏହି ୱାର୍ଡ ନିର୍ମାଣ କରାଯାଇଥିଲେ ହେଁ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଚିକିତ୍ସା ପାଇଁ ଆସୁଥିବା ଶିଶମାନଙ୍କୁ ସାଧାରଣ ୱାର୍ଡରେ ରଖି ଚିକିତ୍ସା କରାଯାଉଛି। ଚିକିତ୍ସାଳୟର ଜଣେ କର୍ମଚାରୀ ଉକ୍ତ ୱାର୍ଡର ଗୋଟିଏ ରୁମ ମାଡିବସିଛନ୍ତି। ଏ ଖବର ଉକ୍ତ ଅଧିକାରୀଙ୍କ ପାଖରେ ନ ଥିବା ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବହୁ ଅଦରକାରି ଜିନିଷପତ୍ର ସହ ଡଷ୍ଟବିନ ଗୁଡିକ ଏହି ୱାର୍ଡର ଉଭୟ ପାର୍ଶରେ ଜମାହୋଇ ପଡିରହିଛି। ଏଥିପ୍ରତି ଡାକ୍ତରଖାନା କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ପରିବେଶ ଦୂଷିତ ହେଉଛି। ଶିଶୁଙ୍କୁ ସାଧାରଣ ୱାର୍ଡରେ ରଖାଯାଉଥିବାରୁ ସଂକ୍ରମଣ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଏ ନେଇ ଚିକିତ୍ସା ଅଧିକାରୀ ଡା. କର୍ଣ୍ଣରାମ ମହାନ୍ତଙ୍କୁ ପଚାରିବାରୁ ଆଗାମୀ ଏପ୍ରିଲ ୧ରେ ଶିଶୁ ୱାର୍ଡକୁ କାର୍ଯ୍ୟକ୍ଷମ କରାଯିବ ବୋଲି ସେ କହିଛନ୍ତି।

## ରୋଗୀଙ୍କ ପାଇଁ ବିପଦ ମହୁମାଛି


ସ୍ୱାସ୍ଥ୍ୟକେନ୍ଦ୍ର ପାଖ ଗଛରେ ଥିବା ମହୁଫେଣା।

**ଝୁମ୍ପୁରା, ୨୯।୩(ଡି.ଏନ.ଏ.)**

ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପରିସର ଏକ ଗଛରେ ଥିବା ମହୁଫେଣା ରୋଗୀଙ୍କ ପାଇଁ ବିପଦ ହୋଇଛି। ଏକ ରୋଗୀ ୱାର୍ଡ ପାର୍ଶ୍ୱ ଏକ ଶିମୁଳି ଗଛରେ ଦୀର୍ଘଦିନ ହେବ ୧୦ରୁ ଅଧିକ ମହୁ ବସା ରହିଛି। ମହୁଫେଣା ଗୁଡିକରେ ଥିବା ମହୁମାଛି ବହୁ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉଡି ବୁଲୁଛନ୍ତି। ମହୁମାଛି ରୋଗୀ ୱାର୍ଡ ଭିତରକୁ ପଶି ଆସୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଲୋକେ ମହୁମାଛି ଆକ୍ରମଣର ଶିକାର ହେଉଛନ୍ତି। ଏ ନେଇ ରୋଗୀଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଥିବା ଡାକ୍ତରମାନଙ୍କ ସହିତ କର୍ମଚାରୀ ମହଲରେ ମଧ୍ୟ ଅସନ୍ତୋଷ ପ୍ରକାଶ ପାଉଛି। ଗଛରୁ ମହୁଫେଣା କାଢିବା ଏବଂ ବିପଦ ଶଙ୍କୁଳ ଗଛକୁ କାଟିଦେବା ବନ ବିଭାଗର ଦାୟିତ୍ୱ ହୋଇଥିଲେ ହେଁ ବନ ବିଭାଗ ଅଭିଯୋଗ ପରେ ମଧ୍ୟ ନିରବ ରହିଛି। ଏ ନେଇ ବାଲିବନ୍ଧ ଫରେଷ୍ଟର ବିଦ୍ୟାଧର ସାହୁଙ୍କୁ ପଚାରିବାରୁ ଦେଖୁଛୁ ଗଛରୁ ମହୁଫେଣା କଢାଯାଇ ସ୍ୱାସ୍ଥ୍ୟକେନ୍ଦ୍ର ପାଖର ମହୁପେଣା ଗୁଡ଼ିକୁ ନଷ୍ଟ କରାଯିବ ବୋଲି ସେ କହିଛନ୍ତି।

■ କେନ୍ଦୁଝରରେ ପହଞ୍ଚିଲେ ଖର୍ଚ୍ଚ ପର୍ଯ୍ୟବେକ୍ଷକ

# ବିଭିନ୍ନ କମିଟି, ଟିମ୍‌ର କାର୍ଯ୍ୟାବଳୀ ସମୀକ୍ଷା

**କେନ୍ଦୁଝର, ୨୯।୩(ସ୍ୱ.ପ୍ର.)**

ସାଧାରଣ ନିର୍ବାଚନ ୨୦୧୯ ପରିପ୍ରେକ୍ଷୀରେ କେନ୍ଦୁଝର ଲୋକସଭା ଓ ଜିଲାର ୬ ବିଧାନସଭା ନିମନ୍ତେ ନିର୍ବାଚନ ମଣ୍ଡଳୀ ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ୩ ଖର୍ଚ୍ଚ ପର୍ଯ୍ୟବେକ୍ଷକ କେନ୍ଦୁଝରରେ ପହଞ୍ଚିଛନ୍ତି। ନିର୍ବାଚନ ପରିଚାଳନା ସମ୍ପର୍କିତ ବିଭିନ୍ନ କମିଟି ଓ ଟିମ୍‌ର କାର୍ଯ୍ୟାବଳୀ ସମୀକ୍ଷା କରାଯାଇଛି। କେନ୍ଦୁଝର ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ଭାରତୀୟ ରାଜସ୍ୱ ସେବାର ବରିଷ୍ଠ ଅଧିକାରୀ ଡି. ଲାପ୍ଟା, ଆନନ୍ଦପୁର, ଘଷିପୁରା, ତେଲକୋଇ ଓ କରିଆ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଭାରତୀୟ ରାଜସ୍ୱ ସେବାର ବରିଷ୍ଠ ଅଧିକାରୀ ଆଇ. ଜମିର ଏବଂ ପାଟଣା, ଚମ୍ପୁଆ ଓ କେନ୍ଦୁଝର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଭାରତୀୟ ରେଳବାଇ ଆକାଉଣ୍ଟ ସେବାର ବରିଷ୍ଠ ଅଧିକାରୀ ମନୀଷ୍ ନିଯୁକ୍ତ ହୋଇଛନ୍ତି। ବିଭିନ୍ନ ନିର୍ବାଚନ ମଣ୍ଡଳୀ ପାଇଁ ନିଯୁକ୍ତ ହୋଇଥିବା ଆସିଷ୍ଟାଣ୍ଟ ଏକ୍ସପେଣ୍ଡିଚର ଅବଜରଭରମାନଙ୍କୁ ସତର୍କ ହୋଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜନୈତିକ ଦଳ ତଥା ପ୍ରାର୍ଥୀଙ୍କର ଖର୍ଚ୍ଚ ସ୍ୟାଡୋ ନିରୀକ୍ଷଣ ରେଜିଷ୍ଟରରେ ନିୟମିତ ଉଲ୍ଲେଖ କରିବା ଉପରେ ଗୁରୁତ୍ୱ ଆରୋପ କରାଯାଇଛି।

ଆଦର୍ଶ ଆଚରଣ ବିଧି ସେଲ୍, ମିଡିଆ ସାର୍ଟିଫିକେଶନ୍ ଆଣ୍ଡ୍ ମନିଟରିଂ ସେଲ୍ ତଥା ଅନ୍ୟାନ୍ୟ କମିଟିର କାର୍ଯ୍ୟାବଳୀ ସମ୍ପର୍କରେ ସମୀକ୍ଷା କରାଯାଇଛି। ନିର୍ବାଚନରେ ନିୟୋଜିତ ସମସ୍ତ କର୍ମଚାରୀ ନିରପେକ୍ଷତା ଅବଲମ୍ବନ କରି ଦକ୍ଷତାର ସହିତ ଦାୟିତ୍ୱ ନିର୍ବାହ କରିବାକୁ କୁହାଯାଇଛି। ନିର୍ବାଚନ ଖର୍ଚ୍ଚ ତଥା ଆଦର୍ଶ ଆଚରଣବିଧି ସମ୍ପର୍କିତ କୌଣସି ଅଭିଯୋଗ ଥିଲେ ଜିଲା ସଦର ମହକୁମାସ୍ଥ କଂଟ୍ରୋଲ୍ ରୁମ୍‌କୁ ଫୋନ୍ ନମ୍ବର ୦୬୭୬୬-୨୫୫୪୯୫, ୦୬୭୬୬-୨୫୫୪୯୭ ମାଧ୍ୟମରେ ଜଣାଇବାକୁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ପରାମର୍ଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ଜିଲା ନିର୍ବାଚନ ଖର୍ଚ୍ଚ ମନିଟରିଂ କମିଟିର ନୋଡାଲ୍ ଅଫିସର ତଥା ପଡିଡିଆରଡିଏ ଡ. ଉଦ୍ଧବ ଚନ୍ଦ୍ର ମାଝୀ, ଡେପୁଟି କଲେକ୍ଟର ରାମଚନ୍ଦ୍ର କିସ୍କୁଙ୍କ ସମେତ ଅନ୍ୟ ସେଲ୍‌ର କର୍ମକର୍ତ୍ତା, ବିଭିନ୍ନ ଟିମ୍ ପାଇଁ ନିୟୋଜିତ ଅଧିକାରୀ/କର୍ମଚାରୀ, ଜିଲାର ସମସ୍ତ ନିର୍ବାଚନ ମଣ୍ଡଳୀର ଆସିଷ୍ଟାଣ୍ଟ ଏକ୍ସପେଣ୍ଡିଚର ଅବଜରଭର ଉପସ୍ଥିତ ଥିଲେ। ସମୀକ୍ଷା ବୈଠକ ପରେ ପର୍ଯ୍ୟବେକ୍ଷକମାନେ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ପ୍ରସ୍ତୁତି କାର୍ଯ୍ୟ ତଥା ଅନ୍ୟାନ୍ୟ ପ୍ରସଙ୍ଗ ତଦାରଖ କରିବା ନିମନ୍ତେ ଗସ୍ତ କରିଥିଲେ।


ସମୀକ୍ଷା ବୈଠକ ପରେ ପର୍ଯ୍ୟବେକ୍ଷକ ଓ ଅନ୍ୟମାନେ।

## ଭାଜପାକୁ ସମାଲୋଚନା କଲେ ବିଜେଡି ନେତା



କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତା ଓ କର୍ମୀ।

**ପାଟଣା, ୨୯।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ଟାଙ୍ଗରପଡ଼ା ତୋଟା ୨୨ ନମ୍ବର ଜୋନରେ ଶୁକ୍ରବାର ଅପରାହ୍ନରେ ବିଜୁ ଛାତ୍ର ଓ ଯୁବ ଜନତା ଦଳ ତରଫରୁ ହକ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲା ବିଜେଡି ମିଡିଆ ସେଲ ସଂଯୋଜକ ବୁବୁ ସିହ୍ନାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡି ଜିଲା ଉପସଭାପତି ଅକ୍ରୁର ମହାନ୍ତ, ବ୍ଲକ ଉପସଭାପତି ନବକିଶୋର ପୃଷ୍ଟି, ଅସରପ୍ରାପ୍ତ ଅଧାପକ ଶଙ୍କର୍ଷଣ ସାହୁ, ସ୍ଥାନୀୟ ପଞ୍ଚାୟତ ସଭାପତି ଗୋପବନ୍ଧୁ ପୃଷ୍ଟି, ଯୁବନେତା ବିପ୍ଳବ ପୃଷ୍ଟି, ସୌମ୍ୟ ରାଉତ ଓ ପୂର୍ବତନ ସ୍ଥାନୀୟ ସରପଞ୍ଚ ଶଙ୍କର୍ଷଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ପ୍ରଦାନ, ମହାନଦୀର ପାଣିକୁ ଛତିଶଗଡ଼ ସରକାରଙ୍କ ଅବରୋଧ କରିବା, କୋଇଲା ରୟାଲିଟି ବୃଦ୍ଧି ଓ ଧାନର ସହାୟକ ମୂଲ୍ୟ ୨୯୩୦ ଟଙ୍କାଙ୍କୁ ବୃଦ୍ଧି କରିବା ଆଦି ୧୧ ନ୍ୟାଯ୍ୟ ଦାବି ଗୁଡିକ ପ୍ରତି କେନ୍ଦ୍ରରେ ଶାସନ କରୁଥିବା ନରେନ୍ଦ୍ର ମୋଦିଙ୍କ ନେତୃବାଧୀନ ଭାଜପା ସରକାର କିଭଳି ଅଣଦେଖା କରି ଓଡିଶା ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରୁଛି ସେ ସମ୍ପର୍କରେ ବିଜେଡି ନେତାମାନେ ସମାଲୋଚନା କରିଥିଲେ।